Bhubaneswar, Friday, October 09, 2026
ଭୁବନେଶ୍ୱର,ଶୁକ୍ରବାର,ଅକ୍ଟୋବର ୦୯, ୨୦୨୬
Vol-01, Issue-152
ବର୍ଷ-୦୧, ସଂଖ୍ୟା -୧୫୨

www.pratishabda.com
Email : pratishabda7@gmail.com
Also Available In : YouTube

ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

# ଆଉ ନାହାନ୍ତି ଫିଲ୍ମ ଜଗତର କ୍ରାନ୍ତିବୀର



ନୂଆଦିଲ୍ଲୀ ,୮/୧୦:ବରିଷ୍ଠ ଅଭିନେତା ନାନା ପାଟେକର ଆଉ ନାହାନ୍ତି। ୭୫ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଯାଇଛି। ନାନା ପାଟେକର ଗୋଆର ଡୋନା ପାଉଲାସ୍ଥିତ ତାଙ୍କ ଘରେ ଅଚେତ ଅବସ୍ଥାରେ ମିଳିଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।ନାନା ପାଟେକର ୧୯୫୧ ମସିହା ଜାନୁଆରି ତାରିଖରେ ମହାରାଷ୍ଟ୍ରର ମୁରୁଦ-ଜଞ୍ଜିରାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପ୍ରକୃତ ନାମ ବିଶ୍ୱନାଥ ପାଟେକର ଥିଲା। ସେ ହିନ୍ଦୀ ଏବଂ ମରାଠୀ ସିନେମାରେ ତାଙ୍କର ଶକ୍ତିଶାଳୀ ଅଭିନୟ ପାଇଁ ନିଜର ପରିଚୟ ସୃଷ୍ଟି କରିପାରିଥିଲେ।

କିଛି ଅଭିନେତା ପରଦାକୁ ଆସନ୍ତି, ଅଭିନୟ କରି ଚାଲିଯାଆନ୍ତି। କିଛି ଅଭିନେତାଙ୍କ ଅଭିନୟ ସରିଗଲା ପରେ ବି ତାଙ୍କ ସ୍ୱର ଦର୍ଶକଙ୍କ ମନରେ ଗୁଞ୍ଜରିତ ହେଉଥାଏ । ନାନା ପାଟେକର ସେହି ଅଭିନେତାମାନଙ୍କ ମଧ୍ୟରୁ ଜଣେ ଥିଲେ । ତାଙ୍କର ପ୍ରସିଦ୍ଧ ସଂଳାପ ମଧ୍ୟରେ ଥିଲା, 'ମୁଁ ମୋ ମୃତ୍ୟୁର ଦୃଶ୍ୟ ଦେଖିବାକୁ ଆସିଛି...' । ଗୁରୁବାର ଯେତେବେଳେ ନାନାଙ୍କ ଦେହାନ୍ତ ଖବର ଆସିଲା, ତାଙ୍କ ପ୍ରଶଂସକମାନେ ଶୋକରେ ବୁଡ଼ିଗଲେ । ପ୍ରଧାନମନ୍ତ୍ରୀଙ୍କ ଠାରୁ ସିନେ ପ୍ରେମୀଙ୍କ ଯାଏଁ ସମସ୍ତେ ଶ୍ରଦ୍ଧାଞ୍ଜଳି ଦେଲେ । ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରିଛନ୍ତି। ସେ ଲେଖିଛନ୍ତି ଯେ, ନାନା ପାଟେକରଙ୍କ ଗଭୀରତା, ବ୍ୟକ୍ତିତ୍ୱ ଏବଂ ସ୍ୱତନ୍ତ୍ର ଉପସ୍ଥିତି ଖୁବ୍ କମ୍ ଅଭିନେତାଙ୍କ ପାଖରେ ଥିଲା । ସେ ପ୍ରତ୍ୟେକ ଭୂମିକାରେ ଉଲ୍ଲେଖନୀୟ ବିବିଧତା ଏବଂ ସୃଜନଶୀଳତା ପ୍ରଦର୍ଶନ କରିଥିଲେ । ଆଗାମୀ ପିଢ଼ି ପର୍ଯ୍ୟନ୍ତ ମନେ ରହିଲା ଭଳି ଚରିତ୍ରଗୁଡ଼ିକୁ ପରିବେଷଣ କରିଥିଲେ । ସେ ତାଙ୍କର ସ୍ପଷ୍ଟ ବିଚାରଧାରା ପାଇଁ ମଧ୍ୟ ପରିଚିତ ଥିଲେ । ହିନ୍ଦୀ ଓ ମରାଠି ସିନେମାରେ ତାଙ୍କର ମହତ୍ୱପୂର୍ଣ୍ଣ ଯୋଗଦାନ ଥିଲା । ଭଗବାନ ତାଙ୍କ ପରିବାର, ବନ୍ଧୁ ପରିଜନ ଏବଂ ଅଗଣିତ ପ୍ରଶଂସକଙ୍କୁ ଧୈର୍ଯ୍ୟ ଦିଅନ୍ତୁ । ଦିବଙ୍ଗତ ଆତ୍ମାକୁ ଶାନ୍ତି ମିଳୁ । ସେହିପରି ଗୃହମନ୍ତ୍ରୀ ଅମିତ ଶାହ ଶୋକ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ, ନାନା ପାଟେକରଙ୍କ ଦେହାନ୍ତ କଳା ଜଗତ ପାଇଁ ଅପୂରଣୀୟ କ୍ଷତି । ପାଞ୍ଚ ଦଶନ୍ଧି ଧରି ନାନା ପାଟେକର ତାଙ୍କର ଅଭିନୟ ଏବଂ ସଂଳାପ ମାଧ୍ୟମରେ ଦର୍ଶକଙ୍କ ଉପରେ ଗଭୀର ଛାପ ଛାଡିଥିଲେ । ଗମ୍ଭୀର ସାମାଜିକ ପ୍ରସଙ୍ଗ ହେଉ କି ହାସ୍ୟ ବ୍ୟଙ୍ଗ, ସେ ପ୍ରତ୍ୟେକ ଚରିତ୍ରକୁ ଜୀବନ୍ତ କରିଥିଲେ ।

ସେହିପରି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଶୋକ ବ୍ୟକ୍ତ କରିଛନ୍ତି । ଭାରତୀୟ ସିନେମା ଜଗତ ପାଇଁ ଏହା ଅପୂରଣୀୟ କ୍ଷତି ବୋଲି କହିଛନ୍ତି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କେଭି ସିଂ ଦେଓ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ବ୍ୟକ୍ତ କରିଛନ୍ତି ।

# 'ସୁପୋଷିତ ଓଡ଼ିଶା' ପ୍ରାଥମିକ ସ୍ତରରୁ ଶିକ୍ଷାର ମାନ ବୃଦ୍ଧି ପାଇଁ ଅଭିଯାନକୁ ଜୋରଦାର କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର ୦୮/୧୦: ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟର ସାମାଜିକ କ୍ଷେତ୍ରର ସମସ୍ୟା ସମାଧାନ ଏବଂ ଉନ୍ନତି (Social Sector Development) ନିମନ୍ତେ ଏକ ଉଚ୍ଚସ୍ତରୀୟ 'ପ୍ରୟାସ' (PRAYASS) ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାମାଜିକ କ୍ଷେତ୍ରର ବିଭିନ୍ନ ଜଟିଳ ସମସ୍ୟାଗୁଡିକୁ ତୃଣମୂଳ ସ୍ତରରେ ଅନୁଧ୍ୟାନ କରି ସେଗୁଡ଼ିକର ସ୍ଥାୟୀ ତଥା ତ୍ୱରିତ ସମାଧାନ ପାଇଁ ଏକ ସୁଦୃଢ ଓ ଗଠନମୂଳକ ପ୍ଲାଟଫର୍ମର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏହି ବୈଠକରେ ମୁଖ୍ୟତଃ ତିନୋଟି ପ୍ରମୁଖ ବିଭାଗ ଯଥା - ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକାରିତାକୁ ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା । ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଏବଂ ଗୁଣାତ୍ମକ ଶିକ୍ଷା - ଏହି ତିନୋଟି କ୍ଷେତ୍ର ମାଧ୍ୟମରେ ହିଁ ଏକ ମଜବୁତ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗଗୁଡିକୁ ଅଧିକ ତତ୍ପର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ସହ ଜଡିତ ଏହି କ୍ଷେତ୍ରଗୁଡିକର କାର୍ଯ୍ୟଦକ୍ଷତାକୁ ଆହୁରି ଉନ୍ନତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ବୈଠକରେ ମାତୃ ମୃତ୍ୟୁ ହାରକୁ ସର୍ବନିମ୍ନ ସ୍ତରକୁ ଆଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଦୃଢ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହା ସହିତ ଶିଶୁ ମୃତ୍ୟୁ ହାର ତଥା ନବଜାତ ଶିଶୁ ମୃତ୍ୟୁ ହାର କମାଇବାର ଲକ୍ଷ୍ୟକୁ ଏକ ଅଭିଯାନ ସ୍ୱରୂପ ଗ୍ରହଣ କରି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦେଇଛନ୍ତି । ବିଶେଷକରି ପ୍ରସୂତି ଏବଂ ନବଜାତ ଶିଶୁମାନଙ୍କୁ ଗ୍ରାମାଚଂଳ ତଥା ଦୂରଦୂରାନ୍ତ ଅଂଚଳରେ ସର୍ବୋତମ ଚିକିତ୍ସା ସୁବିଧା ଯୋଗାଇବା, ସ୍ୱାସ୍ଥ୍ୟକର୍ମୀମାନଙ୍କ ଦାୟିତ୍ୱବୋଧ ବୃଦ୍ଧି କରିବା ଏବଂ ମେଡିକାଲ ଗୁଡିକରେ ଜରୁରୀକାଳୀନ ସେବାକୁ ଅଧିକ ସୁଦୃଢ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଶିଶୁମାନଙ୍କ ମଧ୍ୟରେ ଦେଖାଯାଉଥିବା ପୁଷ୍ଟିହୀନତା (Malnutrition) ଯୋଗୁ ଷ୍ଟଂଟି (stunting) ଏବଂ ଓ୍ୱେଷ୍ଟିଂ (wasting) ପରି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି । ଏହିସବୁ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିବା ପାଇଁ 'ସୁପୋଷିତ ଓଡିଶା' ଅଭିଯାନକୁ ଅଧିକ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯାହାଫଳରେ ମା' ଏବଂ ଶିଶୁମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବହୁବିଧ ଉନ୍ନତି ପରିଲକ୍ଷିତ ହୋଇପାରିବ । ଏହା ସହିତ ଅଙ୍ଗନବାଡି କେନ୍ଦ୍ରଗୁଡିକ ମାଧ୍ୟମରେ ପ୍ରଦାନ କରାଯାଉଥିବା ଖାଦ୍ୟ ଓ ପୁଷ୍ଟିକର ସାମଗ୍ରୀର ମାନ ତଥା ନିରିକ୍ଷଣ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଅନ୍ୟପକ୍ଷରେ, ଶିକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ କରିବା ନିମନ୍ତେ ପ୍ରାଥମିକ ସ୍ତରରୁ ହିଁ ପିଲାଙ୍କ ମୌଳିକ ଶିକ୍ଷାର ମାନରେ ବୃଦ୍ଧିକରିବା ପାଇଁ ସମସ୍ତ ଚେଷ୍ଟା କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଛନ୍ତି । ଏଥିସହିତ ଶିକ୍ଷକମାନେ ଶିକ୍ଷାଦାନ ଏବଂ ଶିକ୍ଷାର ମୂଳ କାର୍ଯ୍ୟକ୍ରମଗୁଡିକ ଉପରେ ସମ୍ପୂର୍ଣ୍ଣ ଧ୍ୟାନ କେନ୍ଦ୍ରିତ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହାଦ୍ୱାରା ଛାତ୍ରଛାତ୍ରୀମାନଙ୍କର ଶିକ୍ଷାଗତ ମାନ ବୃଦ୍ଧି ପାଇବ ବୋଲି ଆଶାପୋଷଣ ମଧ୍ୟ କରିଛନ୍ତି । ଏହି ବୈଠକରେ ରାଜ୍ୟର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ନିଜ ନିଜ ବିଭାଗର କାର୍ଯ୍ୟପନ୍ଥା ସମ୍ପର୍କରେ ଅବଗତ ଶ୍ରୀ ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍.ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଏନ୍.ତିରୁମାଲା ନାଏକ ଏବଂ ସମନ୍ୱିତ ଶିଶୁ ବିକାଶ ଓ ସମାଜ କଲ୍ୟାଣର ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

# ମହାପ୍ରଭୁଙ୍କ ଧାମର ବିକାଶ ପାଇଁ ଯେତେ ଅର୍ଥ ଆବଶ୍ୟକ ଦିଆଯିବ : ମୁଖ୍ୟମନ୍ତ୍ରୀ

**ଅବଢା ଯୋଜନାରେ ଜଗନ୍ନାଥବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ମାର୍କେଟ କମ୍ପ୍ଲେକ୍ସ, ଶ୍ରୀ ସେତୁ ତଥା ମୁସା ନଦୀର ସଂପ୍ରସାରଣ ପ୍ରକଳ୍ପ ପାଇଁ ଅଧିକ ୧୦୦.୮୩ କୋଟି ଟଙ୍କା ବରାଦ କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୮/୧୦ : ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଅବଢା ଯୋଜନା ଅଧିନରେ ପୁରୀରେ କାର୍ଯ୍ୟକାରୀ ହେଉଥିବା ଜଗନ୍ନାଥବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ମାର୍କେଟ କମ୍ପ୍ଲେକ୍ସ, ଶ୍ରୀସେତୁ ତଥା ମୁସା ନଦୀର ସଂପ୍ରସାରଣ ପ୍ରକଳ୍ପ ପାଇଁ ୬୫୮.୦୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏହା ଦ୍ୱାରା ପ୍ରକଳ୍ପ ପାଇଁ ପୂର୍ବ ଅପେକ୍ଷା ଅଧିକ ୧୦୦.୮୩ କୋଟି ଟଙ୍କା ବିନିଯୋଗ ହେବ। ଏହି ଅର୍ଥ ମଞ୍ଜୁର କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁଙ୍କ ଧାମର ବିକାଶ ପାଇଁ ଯେତେ ଅର୍ଥ ଆବଶ୍ୟକ ନିଶ୍ଚୟ ଦିଆଯିବ। ଏଥିପାଇଁ ଅର୍ଥର ଅଭାବ ହେବ ନାହିଁ। ସୂଚନାଯୋଗ୍ୟ ଯେ, ପୁରୀରେ ଅବଢା (Augmentation Basic Amenities and Development of Heritage and Architecture) ଯୋଜନାରେ ଜଗନ୍ନାଥ ବଲ୍ଲଭ ପିଲିଗ୍ରିମ୍ ସେଂଟର କମ୍ପ୍ଲେକ୍ସ, ଶ୍ରୀସେତୁ ଏବଂ ଏହା ସହିତ ମୁସା ନଦୀର ସଂପ୍ରସାରଣ ଆଦି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ପ୍ରାରମ୍ଭିକ ବଜେଟ ଅନୁଯାୟୀ ଏଥିପାଇଁ ୫୫୭.୧୯ ଟଙ୍କା ମଞ୍ଜୁର ହୋଇଥିଲା। ତେବେ ଏହି ପ୍ରକଳ୍ପର ଆଉ ଅଧିକ ନିର୍ମାଣ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି । ଔଇଚଉର ପଂଚମ ମହଲାରେ ୨ ହଜାର ଆସନ ବିଶିଷ୍ଟ ଏକ ମଲଟି ପର୍ପୋଜ୍ ହଲ୍ ନିର୍ମାଣ କରିବା ପାଇଁ ନିଷ୍ପତି ନିଆଯାଇଛି ।

## ସୁରକ୍ଷିତ ଶିଳ୍ପ, ସୁଦୃଢ଼ ଓଡ଼ିଶା କର୍ମଶାଳା ଉଦଯାପିତ

# ଶିଳ୍ପ ସଂସ୍ଥା, ଶିକ୍ଷାବିତ୍ ଏବଂ ଶ୍ରମ ବିଭାଗ ମିଳିତ ଭାବେ ଶିଳ୍ପ କ୍ଷେତ୍ରରେ ସୁରକ୍ଷା ନେଇ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ଆହ୍ୱାନ





ଭୁବନେଶ୍ୱର,୮/୧୦: ଭୁବନେଶ୍ୱରସ୍ଥିତ କୃଷି ଭବନ ପ୍ରେକ୍ଷାଳୟରେ ଆଜି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାରଙ୍କ ଅଧୀନସ୍ଥ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ଆୟୋଜିତ ସୁରକ୍ଷିତ ଶିଳ୍ପ, ସୁଦୃଢ଼ ଓଡ଼ିଶା -ପ୍ରଯୁକ୍ତି, ନବସୃଜନ ଓ ଶିଳ୍ପ ସୁରକ୍ଷାରେ ଉତ୍କର୍ଷ"ଶୀର୍ଷକ ଏକଦିବସୀୟ କର୍ମଶାଳା ଉଦଯାପିତ ହୋଇଯାଇଛି । କର୍ମଶାଳାର ଉଦଯାପନୀ ଅଧିବେଶନରେ ମୁଖ୍ୟ ଶାସନ ସଚିବଶ୍ରୀମତୀ ଅନୁ ଗର୍ଗଯୋଗଦେଇନିରାପଦ ଶିଳ୍ପ ପାଇଁ ପ୍ରଯୁକ୍ତି, ନବସୃଜନ ଓ ନେତୃତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ । ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଗଠନରେ ଶିଳ୍ପ ଅଭିବୃଦ୍ଧି ଗୁରୁତ୍ୱ ବହନ କରୁଥିବା ବେଳେ ଶିଳ୍ପ ସଂସ୍ଥା, ଶିକ୍ଷାବିତ୍ ଏବଂ ଶ୍ରମ ବିଭାଗ ସମ୍ମିଳିତ ଭାବେ ଶିଳ୍ପ କ୍ଷେତ୍ରରେ ସୁରକ୍ଷା ନେଇ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ଆହ୍ୱାନଦେଇଛନ୍ତି ।

ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ କହିଥିଲେ, "ଶିଳ୍ପ ସୁରକ୍ଷାକୁ ଶିଳ୍ପ ସଂସ୍ଥା ଏବଂ ନିୟମ ପାଳନ ସୁନିଶ୍ଚିତ କରୁଥିବା ଅଧିକାରୀମାନେ ସର୍ବୋଚ୍ଚ ପ୍ରାଥମିକତା ଦେବା ଆବଶ୍ୟକ। ଆମେ ପ୍ରଣୟନ କରୁଥିବା ପ୍ରକ୍ରିୟା ଓ ସର୍ବୋତ୍ତମ ପ୍ରଥା, ସେଗୁଡ଼ିକର ପ୍ରଭାବଶାଳୀ ନିରୀକ୍ଷଣ ଏବଂ ସୁରକ୍ଷାକୁ ଦିଆଯାଉଥିବା ପ୍ରାଥମିକତା ପ୍ରତି ଆମକୁ ଅତ୍ୟନ୍ତ ସଚେତନ ହେବାକୁ ପଡ଼ିବ । ଏହି ସୁରକ୍ଷା ସଂସ୍କୃତିକୁ ସୁଦୃଢ଼ କରିବାର ଏକ ପ୍ରଭାବଶାଳୀ ଉପାୟ ହେଉଛି ପ୍ରତ୍ୟେକ ଆଲୋଚନା ଓ ସମୀକ୍ଷାରେ ସୁରକ୍ଷା ପ୍ରଦର୍ଶନକୁ ଏକ ଅବିଚ୍ଛେଦ୍ୟ ଅଂଶ କରିବା। ଫଳରେ ସୁରକ୍ଷା ରିପୋର୍ଟ ଶିଳ୍ପର ଅନ୍ୟାନ୍ୟ ପ୍ରଦର୍ଶନ ସୂଚକ ଭଳି ସମାନ ଗୁରୁତ୍ୱ ପାଇବ।"ସେ ଆହୁରି ମଧ୍ୟ କହିଥିଲେ, "ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶିଳ୍ପ କ୍ଷେତ୍ରରେ ଦୁର୍ଘଟଣା ଘଟିବା ସ୍ୱାଭାବିକ ବା ଅନିବାର୍ଯ୍ୟ ବୋଲି ଥିବା ମାନସିକତାରୁ ଆମକୁ ବାହାରିବାକୁ ପଡ଼ିବ। ସୁରକ୍ଷାକୁ ଯଥେଷ୍ଟ ଧ୍ୟାନ ଓ ପ୍ରାଥମିକତା ନଦେବା ଯୋଗୁଁ ଅନେକ ଘଟଣା ଧୀରେ ଧୀରେ ସୃଷ୍ଟି ହେଉଥିବା ବ୍ୟବସ୍ଥାଗତ ତ୍ରୁଟିର ପରିଣାମ ହୋଇଥାଏ। ପ୍ରତ୍ୟେକ ଦିନ ଆମକୁ ନିଜକୁ ପଚାରିବାକୁ ହେବ ଯେ, ଆମେ କିପରି ଆମର ପ୍ରକ୍ରିୟା ଓ କର୍ମକ୍ଷେତ୍ରକୁ ଆହୁରି ସୁରକ୍ଷିତ କରିପାରିବା। ନିରନ୍ତର ଧ୍ୟାନ, ସୁଦୃଢ଼ ବ୍ୟବସ୍ଥା ଓ ସାମୂହିକ ଦାୟିତ୍ୱ ମାଧ୍ୟମରେ ଆମେ ନିରାପଦ ଶିଳ୍ପ, ନିରାପଦ ପ୍ରକ୍ରିୟା ଏବଂ ଶେଷରେ ଓଡ଼ିଶାର ଏକ ଅଧିକ ସୁଦୃଢ଼ ଶିଳ୍ପ ପରିବେଶ ଗଠନ କରିପାରିବା ବୋଲି ମୁଁ ନିଶ୍ଚିତ।"ଶିଳ୍ପ ସଂସ୍ଥା, ଶିକ୍ଷାବିତ୍ ଏବଂ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ସମ୍ମିଳିତ ଭାବେ ଶିଳ୍ପ କ୍ଷେତ୍ରରେ ସୁରକ୍ଷା ନେଇ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ବିଭିନ୍ନ ପରାମର୍ଶ ଦେଇଥିଲେ ।

କର୍ମଶାଳାକୁଶ୍ରୀ ଡୋଡ୍ଡା ଭେଙ୍କଟ ସ୍ୱାମୀ, ପ୍ରମୁଖ ଶାସନ ସଚିବ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗଉଦ୍ ?ଘାଟନ କରିଥିଲେ ଏବଂ ଉଦ୍ ?ଘାଟନୀ ଅଧିବେଶନରେ ଉପସ୍ଥିତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିଥିଲେ। କର୍ମଶାଳାରେ ସୁରକ୍ଷିତ ଶିଳ୍ପ ପ୍ରଥାକୁ ପ୍ରୋତ୍ସାହନ ଦେବା ସହ ପ୍ରଯୁକ୍ତିଗତ ହସ୍ତକ୍ଷେପ, ନବସୃଜନ ଓ ପ୍ରଭାବଶାଳୀ ନେତୃତ୍ୱ ମାଧ୍ୟମରେ ଶିଳ୍ପ ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ପ୍ରଥମ ବୈଷୟିକ ଅଧିବେଶନରେଲୁହା ଓ ଇସ୍ପାତ ଶିଳ୍ପରେ ପ୍ରଯୁକ୍ତିଗତ ହସ୍ତକ୍ଷେପ ମାଧ୍ୟମରେ ସୁରକ୍ଷା ବୃଦ୍ଧି, ଆଲୁମିନିୟମ୍ ସ୍ମେଲ୍ଟିଂରେ ଡିଜିଟାଲ୍ ହସ୍ତକ୍ଷେପ ଏବଂ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ୍ କେନ୍ଦ୍ର (ସିଏଫ୍ ?ଟିପିପି)ରେ ଶିଳ୍ପ ସୁରକ୍ଷା ବୃଦ୍ଧି ପାଇଁ ପ୍ରଯୁକ୍ତିର ବ୍ୟବହାରଉପରେ ଆଲୋଚନା କରାଯାଇଥିଲା ।ଟାଟା ଷ୍ଟିଲ୍ ଲିମିଟେଡ୍, ବେଦାନ୍ତ ଆଲୁମିନିୟମ୍ ମେଟାଲ୍ ଲିମିଟେଡ୍ ଏବଂ ଏନ୍ ?ଟିପିସି ଲିମିଟେଡ୍ର ବିଶେଷଜ୍ଞମାନେ ପ୍ରଯୁକ୍ତି ଭିତ୍ତିକ ଶିଳ୍ପ ସୁରକ୍ଷା ପଦକ୍ଷେପ ସମ୍ପର୍କରେ ନିଜ ଅଭିଜ୍ଞତା ଓ ମତାମତ ରଖିଥିଲେ।

ଦ୍ୱିତୀୟ ବୈଷୟିକ ଅଧିବେଶନରେ "ସୁରକ୍ଷିତ ଶିଳ୍ପ, ସୁଦୃଢ଼ ଓଡ଼ିଶା – ନେତୃତ୍ୱ ମାଧ୍ୟମରେ ସୁଦୃଢ଼ୀକରଣ"ବିଷୟରେ ଆଲୋଚନା ହୋଇଥିଲା। ଏଥିରେ କାରଖାନାଗୁଡ଼ିକର ପରିବର୍ତ୍ତିତ ସ୍ୱରୂପ ଏବଂ ତଦନୁଯାୟୀ ସୁରକ୍ଷା ବ୍ୟବସ୍ଥାରେ ଆବଶ୍ୟକ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅଧିବେଶନରେଷ୍ଟାର୍ଟଅପ୍ ଓଡ଼ିଶାର ଜଣେ ପ୍ରତିନିଧି "ବନ୍ ?ଭି: ଏନ୍ ?ହାନ୍ସ୍ ?ଡ ଏୟାର୍ ମୋବିଲିଟି"ଶୀର୍ଷକରେ ଏକ ଉପସ୍ଥାପନା ଦେଇ ନବୀନ ପ୍ରଯୁକ୍ତିଗତ ସମାଧାନ ସମ୍ପର୍କରେ ଅବଗତ କରାଇଥିଲେ।

ଉଦଯାପନୀ ଅଧିବେଶନ ସହିତ ରାଜ୍ୟରେ ଶିଳ୍ପ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ନେଇ ଦିନବ୍ୟାପୀ ଚିନ୍ତନ, ଅଭିଜ୍ଞତା ଓ ମତବିନିମୟର ସମାପ୍ତି ଘଟିଥିଲା। ଏହି କର୍ମଶାଳାରେ ବରିଷ୍ଠ ସରକାରୀ ଅଧିକାରୀ, ଶିଳ୍ପ ପ୍ରତିନିଧି, ସୁରକ୍ଷା ବିଶେଷଜ୍ଞ ଓ ଅନ୍ୟାନ୍ୟ ଅଂଶୀଦାରମାନେ ଯୋଗଦେଇ ପ୍ରଯୁକ୍ତି, ନବସୃଜନ ଓ ନେତୃତ୍ୱ ମାଧ୍ୟମରେ ନିରାପଦ ଶିଳ୍ପ କର୍ମକ୍ଷେତ୍ର ଗଠନ ସମ୍ପର୍କରେ ଆଲୋଚନା କରିଥିଲେ।

କର୍ମଶାଳାରେ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ, ଓଡ଼ିଶାର ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ, ଡଃ ଏମ୍.କେ. ପ୍ରଧାନ, ଉପନିର୍ଦ୍ଦେଶକ, କାରଖାନା ଓ ବାଷ୍ପିତ୍ର (ସୁରକ୍ଷା) ଏବଂ ଶ୍ରୀ ଅନିଲ କୁମାର ନନ୍ଦ, ସହକାରୀ ନିର୍ଦ୍ଦେଶକ, କାରଖାନା ଓ ବାଷ୍ପିତ୍ର (ସୁରକ୍ଷା)ଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସମ୍ପାଦକୀୟ

## ଖଣିରୁ ଜ୍ଞାନ ଅର୍ଥନୀତି

ଓଡ଼ିଶାର ବିକାଶ ଇତିହାସରେ କେତେକ ମୁହୂର୍ତ୍ତ ଏମିତି ଆସେ, ଯେଉଁମାନେ କେବଳ ଏକ ନୂଆ ପ୍ରକଳ୍ପର ଘୋଷଣା ହୋଇ ରହିଯାଆନ୍ତି ନାହିଁ, ବରଂ ରାଜ୍ୟର ଅର୍ଥନୈତିକ ଦିଗକୁ ନୂଆ ମୋଡ଼ ଦେବାର ସମ୍ଭାବନା ସୃଷ୍ଟି କରନ୍ତି। ନୂଆଦିଲ୍ଲୀରେ ଚାଲିଥିବା ସେମିକନ୍ ଇଣ୍ଡିଆ ୨୦୨୬ରେ ନରାଜଠାରେ ୮୭୦ ଏକର ଜମିରେ 'ଓଡ଼ିଶା ସିଲିକନ୍ ଭାଲି' ପ୍ରତିଷ୍ଠା ଘୋଷଣା ଏବଂ ରାଜ୍ୟ ପାଇଁ ପ୍ରାୟ ୨୩,୬୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଓ ପ୍ରାୟ ୬,୧୦୦ ନୂଆ ନିଯୁକ୍ତି ସମ୍ଭାବନା ଏହି ପରିବର୍ତ୍ତନର ଗୁରୁତ୍ୱକୁ ସାମ୍ନାକୁ ଆଣିଛି। ଏହା କେବଳ ଓଡ଼ିଶାର ଶିଳ୍ପ ଆକାଂକ୍ଷା ନୁହେଁ; ଏହା ଖଣିଜ ସମ୍ପଦକୁ ଆଧାର କରିଥିବା ପାରମ୍ପରିକ ଅର୍ଥନୀତିରୁ ମାନବ ପ୍ରତିଭା, ପ୍ରଯୁକ୍ତି, ଗବେଷଣା ଓ ନବସୃଜନକୁ ଆଧାର କରିଥିବା ଜ୍ଞାନ ଅର୍ଥନୀତି ଆଡ଼କୁ ଯିବାର ଏକ ବଡ଼ ସଙ୍କେତ।

ଓଡ଼ିଶାର ଶିଳ୍ପ ଚିତ୍ରକୁ ଦୀର୍ଘଦିନ ଧରି ଖଣିଜ ସମ୍ପଦ, ଧାତୁ ଓ ଭାରୀ ଶିଳ୍ପ ସହିତ ଯୋଡ଼ାଯାଇଛି। ଏହି କ୍ଷେତ୍ରଗୁଡ଼ିକ ରାଜ୍ୟର ଅର୍ଥନୀତିକୁ ଶକ୍ତି ଦେଇଛି, ରାଜସ୍ୱ ବଢ଼ାଇଛି ଏବଂ ଶିଳ୍ପାୟନର ଭିତ୍ତି ଗଢ଼ିଛି। କିନ୍ତୁ ଏକବିଂଶ ଶତାବ୍ଦୀର ଅର୍ଥନୀତି କେବଳ ଖଣି ଓ କାରଖାନାରେ ସୀମିତ ନୁହେଁ। ଯେଉଁ ଦେଶ ଓ ରାଜ୍ୟ ଜ୍ଞାନ, ପ୍ରଯୁକ୍ତି, ଗବେଷଣା ଓ ଉଚ୍ଚଦକ୍ଷତାକୁ ନିଜ ବିକାଶର କେନ୍ଦ୍ରରେ ରଖିପାରିବ, ଆଗାମୀ ଦଶକରେ ସେମାନଙ୍କର ଅର୍ଥନୈତିକ ପ୍ରଭାବ ସେତିକି ଅଧିକ ହେବ। ସେହି ଦୃଷ୍ଟିରୁ ଓଡ଼ିଶାର ସେମିକଣ୍ଡକ୍ଟର ପଦକ୍ଷେପକୁ ଦେଖିବା ଆବଶ୍ୟକ।

ନରାଜରେ ପ୍ରସ୍ତାବିତ ୮୭୦ ଏକରର 'ଓଡ଼ିଶା ସିଲିକନ୍ ଭାଲି'ର ଗୁରୁତ୍ୱ ଏଠିରେ ରହିଛି। ଏହାକୁ କେବଳ ଜମି ବିକାଶ କିମ୍ବା ଶିଳ୍ପ ଅଞ୍ଚଳ ଭାବେ ଦେଖିଲେ ଏହାର ବୃହତ୍ତର ଅର୍ଥ ଅଧରା ରହିଯିବ। ଲକ୍ଷ୍ୟ ଯଦି ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ପ୍ରକଳ୍ପକୁ ଏକାଠି କରି ଏକ ସମନ୍ୱିତ ଶିଳ୍ପ ପରିବେଶ ଗଢ଼ିବା, ତେବେ ଏହା ଆଗାମୀ ଦିନରେ ଉତ୍ପାଦନ ସହିତ ଗବେଷଣା, ନକ୍ସା ପ୍ରସ୍ତୁତି, ଉପକରଣ ନିର୍ମାଣ, ପ୍ରଶିକ୍ଷଣ ଓ ନୂଆ ଉଦ୍ୟମର ଏକ କେନ୍ଦ୍ର ହୋଇପାରେ। ଭୁବନେଶ୍ୱର-କଟକ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥା, ଜଳ ସମ୍ପଦ ଓ ବନ୍ଦର ସଂଯୋଗ ଏହି ଅଞ୍ଚଳର ଶିଳ୍ପ ସମ୍ଭାବନାକୁ ଆହୁରି ବଢ଼ାଇପାରେ।

ଏଠାରେ ଆଉ ଏକ ତଥ୍ୟ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାର ସେମିକଣ୍ଡକ୍ଟର ଯାତ୍ରା ଏବେ କେବଳ ଘୋଷଣାରେ ଅଟକି ନାହିଁ। ଖୋର୍ଦ୍ଧାର ଇନ୍‌ଫୋଭ୍ୟାଲି ଦ୍ୱିତୀୟ ପର୍ଯ୍ୟାୟରେ ସିଲିକନ୍ କାର୍ବାଇଡ୍ ଉପକରଣ ନିର୍ମାଣ ପାଇଁ ୩,୪୦୬ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ ମିଳିଛି; ଏହି ପ୍ରକଳ୍ପରେ ୧,୨୭୦ ନିଯୁକ୍ତି ଏବଂ ରପ୍ତାନି ସମ୍ଭାବନା ଉଲ୍ଲେଖ କରାଯାଇଛି। ଅର୍ଥାତ୍ ଓଡ଼ିଶାର ପଥ ଏକମାତ୍ର କାରଖାନା ନିର୍ମାଣ ନୁହେଁ; ଏକ ସମଗ୍ର ଉତ୍ପାଦନ ଶୃଙ୍ଖଳ ଗଠନ ଦିଗକୁ ଯାଉଛି।

ସେମିକଣ୍ଡକ୍ଟର ଶିଳ୍ପର ସବୁଠାରୁ ବଡ଼ ବିଶେଷତା ହେଉଛି ଏହା ଏକାକୀ ଚାଲିପାରେ ନାହିଁ। ଚିପ୍ ? ତିଆରି ପାଇଁ ଆବଶ୍ୟକ କଞ୍ଚାମାଲ, ଅତିଶୁଦ୍ଧ ଗ୍ୟାସ, ନିର୍ଦ୍ଦିଷ୍ଟ ଯନ୍ତ୍ରପାତି, ବିଦ୍ୟୁତ, ଜଳ, ଗବେଷଣା, ଦକ୍ଷ ମାନବ ସମ୍ବଳ, ପରୀକ୍ଷଣ, ପ୍ୟାକେଜିଂ ଓ ପରିବହନ—ପ୍ରତ୍ୟେକ କଡ଼ିକୁ ଏକାଠି ଶକ୍ତିଶାଳୀ କରିବାକୁ ପଡ଼ ?। ତେଣୁ ଓଡ଼ିଶାର ଆସଲ ପରୀକ୍ଷା ହେବ ଏହି ସମଗ୍ର ପରିବେଶକୁ କେତେ ଶୀଘ୍ର ଓ କେତେ ଗୁଣାତ୍ମକ ଭାବରେ ଗଢ଼ାଯାଇପାରୁଛି।

ଏହି କ୍ଷେତ୍ରରେ ରାଜ୍ୟର ନୀତିଗତ ପଦକ୍ଷେପ ମଧ୍ୟ ଗୁରୁତ୍ୱ ବହନ କରୁଛି। ସେମିକଣ୍ଡକ୍ଟର ପ୍ରକଳ୍ପ ପାଇଁ ଅତିରିକ୍ତ ଆର୍ଥିକ ସହାୟତା ସହ ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ, ଗବେଷଣା ଓ ଆନ୍ତର୍ଜାତୀୟ ପେଟେଣ୍ଟ ପାଇଁ ସହାୟତା ଦେବାର ବ୍ୟବସ୍ଥା ଯଦି ଦକ୍ଷତାର ସହ କାର୍ଯ୍ୟକାରୀ ହୁଏ, ତେବେ ଏହା ନିବେଶକଙ୍କ ସହିତ ଯୁବପିଢ଼ି ପାଇଁ ମଧ୍ୟ ନୂଆ ଦ୍ୱାର ଖୋଲିପାରିବ। ଭାରତର ବ୍ୟାପକ ସେମିକଣ୍ଡକ୍ଟର କାର୍ଯ୍ୟକ୍ରମ ମଧ୍ୟ ନିର୍ମାଣଠାରୁ ଆରମ୍ଭ କରି ପ୍ୟାକେଜିଂ, ଗବେଷଣା, ନକ୍ସା ପ୍ରସ୍ତୁତି ଓ ପ୍ରତିଭା ବିକାଶ ପର୍ଯ୍ୟନ୍ତ ସମଗ୍ର ଶୃଙ୍ଖଳକୁ ଶକ୍ତିଶାଳୀ କରିବା ଉପରେ ଗୁରୁତ୍ୱ ଦେଉଛି।

ଏହି ପରିବର୍ତ୍ତନର ସବୁଠାରୁ ବଡ଼ ଲାଭାର୍ଥୀ ହୋଇପାରେ ଓଡ଼ିଶାର ଯୁବସମାଜ। ରାଜ୍ୟରୁ ପ୍ରତିବର୍ଷ ବହୁ ସଂଖ୍ୟକ ଯାନ୍ତ୍ରିକ ଓ ପ୍ରଯୁକ୍ତି ଶିକ୍ଷିତ ଯୁବକଯୁବତୀ ବାହାରୁଛନ୍ତି। ଯଦି ସେମାନଙ୍କୁ ରାଜ୍ୟରେ ଉଚ୍ଚମାନର ଚାକିରି, ପ୍ରଶିକ୍ଷଣ, ଗବେଷଣା ଓ ଉଦ୍ୟମୀତାର ସୁଯୋଗ ମିଳେ, ତେବେ ଚାକିରି ପାଇଁ ବାହାରକୁ ଯିବାର ପ୍ରବଣତା କିଛି ମାତ୍ରାରେ କମିପାରେ। ଆଉ ଯଦି ଶିକ୍ଷାନୁଷ୍ଠାନ, ଶିଳ୍ପ ଓ ସରକାର ମଧ୍ୟରେ ସ୍ଥାୟୀ ସହଯୋଗ ଗଢ଼ିଉଠେ, ତେବେ ଓଡ଼ିଶାରେ ଜ୍ଞାନଭିତ୍ତିକ ଚାକିରିର ଏକ ନୂଆ ବଜାର ସୃଷ୍ଟି ହୋଇପାରେ।

ତେବେ ସଫଳତାର ଉତ୍ସାହ ମଧ୍ୟରେ ସତର୍କତା ଆବଶ୍ୟକ। ନିବେଶ ପ୍ରସ୍ତାବ ଓ ବାସ୍ତବ ନିବେଶ ଏକ ଜିନିଷ ନୁହେଁ। ଘୋଷଣାରୁ ଜମି, ଅନୁମତି, ଅର୍ଥବ୍ୟବସ୍ଥା, ନିର୍ମାଣ ଏବଂ ଉତ୍ପାଦନ ପର୍ଯ୍ୟନ୍ତ ଏକ ଦୀର୍ଘ ପ୍ରକ୍ରିୟା ରହେ। ତେଣୁ ୨୩,୬୦୦ କୋଟି ଟଙ୍କାର ପ୍ରସ୍ତାବକୁ ନେଇ ଉତ୍ସାହ ଯେତିକି ଆବଶ୍ୟକ, ସେତିକି ଆବଶ୍ୟକ ତାହାର ଭୂମିସ୍ତରୀୟ କାର୍ଯ୍ୟାନ୍ୱୟନ ଉପରେ ନିରନ୍ତର ନଜର। ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ, ନିଯୁକ୍ତି ଓ ଉତ୍ପାଦନ ଲକ୍ଷ୍ୟ ପୂରଣ ହେଲେ ହିଁ ଘୋଷଣାର ପ୍ରକୃତ ମୂଲ୍ୟ ପ୍ରମାଣିତ ହେବ।ଓଡ଼ିଶା ପାଭିଲିୟନର 'ବାଲିରୁ ସିଲିକନ୍' ଧାରଣା ଏହି ପରିବର୍ତ୍ତନର ଗଭୀର ଅର୍ଥକୁ ସରଳ ଭାବେ ବୁଝାଏ। ଯେଉଁ ରାଜ୍ୟ ନିଜ ଖଣିଜ ସମ୍ପଦ ପାଇଁ ପରିଚିତ, ସେହି ରାଜ୍ୟ ଏବେ ସେହି ସମ୍ପଦ ଓ ମାନବ ପ୍ରତିଭାକୁ ଉଚ୍ଚ ପ୍ରଯୁକ୍ତିର ମୂଲ୍ୟଶୃଙ୍ଖଳା ସହ ଯୋଡ଼ିବାର ସ୍ୱପ୍ନ ଦେଖୁଛି। 'ଖଣି ଅର୍ଥନୀତିରୁ ଜ୍ଞାନ ଅର୍ଥନୀତି'—ଏହି ଧାରଣା କେବଳ ଏକ ଆକର୍ଷଣୀୟ ବାକ୍ୟ ନୁହେଁ; ଏହା ଯଦି ଶିକ୍ଷା, ଗବେଷଣା, ଶିଳ୍ପ ଓ ନିଯୁକ୍ତି ନୀତିରେ ପ୍ରତିଫଳିତ ହୁଏ, ତେବେ ରାଜ୍ୟର ଅର୍ଥନୈତିକ ଗଠନରେ ଦୀର୍ଘମିଆଦୀ ପରିବର୍ତ୍ତନ ଆଣିପାରିବ।

ସେମିକନ୍ ଇଣ୍ଡିଆ ୨୦୨୬ ଏହି କାରଣରୁ ଓଡ଼ିଶା ପାଇଁ ଏକ ସୁଯୋଗର ମଞ୍ଚ। ଏବେ ଆବଶ୍ୟକ ହେଉଛି ଘୋଷଣାକୁ କାର୍ଯ୍ୟରେ, ପ୍ରସ୍ତାବକୁ ପ୍ରକଳ୍ପରେ, ପ୍ରକଳ୍ପକୁ ଉତ୍ପାଦନରେ ଏବଂ ଉତ୍ପାଦନକୁ ଯୁବପିଢ଼ିର ନିଯୁକ୍ତିରେ ପରିଣତ କରିବା। ନରାଜର ୮୭୦ ଏକର କେବଳ ଏକ ଜମିଖଣ୍ଡ ନୁହେଁ; ଏହା ଓଡ଼ିଶାର ଆଗାମୀ ପିଢ଼ିର ଆକାଂକ୍ଷାର ପରୀକ୍ଷାକ୍ଷେତ୍ର। ଯଦି ନୀତିର ସ୍ଥିରତା, ପ୍ରଶାସନିକ ଦ୍ରୁତତା, ଗୁଣାତ୍ମକ ମାନବ ସମ୍ବଳ, ଗବେଷଣା ଓ ଶିଳ୍ପ ସହଯୋଗ ଏକାଠି ଚାଲେ, ତେବେ ଓଡ଼ିଶାର ନୂଆ ପରିଚୟ କେବଳ ଖଣିଜ ସମ୍ପଦର ରାଜ୍ୟ ଭାବେ ନୁହେଁ, ବରଂ ଜ୍ଞାନ, ପ୍ରଯୁକ୍ତି ଓ ଉଚ୍ଚମୂଲ୍ୟ ଉତ୍ପାଦନର ଏକ ଉଦୀୟମାନ କେନ୍ଦ୍ର ଭାବେ ଗଢ଼ିଉଠିପାରେ। ସେହି ଦିଗରେ ଆଜିର ପଦକ୍ଷେପ ଆସନ୍ତାକାଲିର ଓଡ଼ିଶାର ଅର୍ଥନୈତିକ ଭାଗ୍ୟ ଲେଖିବାର ଏକ ନୂଆ ଅଧ୍ୟାୟ ହୋଇପାରେ।

# ସେବାରୁ ସଂକଳ୍ପ, ସଂକଳ୍ପରୁ ସିଦ୍ଧି

ଓ ନିମ୍ନ ଆୟବର୍ଗର ପରିବାରକୁ ବଡ ଚିକିତ୍ସା ଖର୍ଚ୍ଚର ଭୟରୁ ମୁକ୍ତ କରିବାର ଉଦ୍ଦେଶ୍ୟ ନେଇ ଆଗକୁ ବଢିଛି। ଜଳ ଜୀବନ ମିଶନ ମାଧ୍ୟମରେ ଘରେ ଘରେ ପାନୀୟ ଜଳ ପହଂଚାଇବାର ଲକ୍ଷ୍ୟ ଗ୍ରାମୀଣ ଭାରତର ଦୈନନ୍ଦିନ ଜୀବନକୁ ବଦଳାଇବାର ଏକ ମୌଳିକ ପ୍ରୟାସ। ବିଦ୍ୟୁତ, ରାସ୍ତା, ରେଳ, ବନ୍ଦର, ବିମାନବନ୍ଦର, ଡିଜିଟାଲ ସଂଯୋଗ ଓ ଦ୍ରୁତ ଯାତାୟତ ବ୍ୟବସ୍ଥାର ବିସ୍ତାର ମଧ୍ୟ ଭାରତର ଅର୍ଥନୈତିକ ଗତିକୁ ବଢାଇବାର ଏକ ବଡ ଅଂଶ। ଆଜି ଭାରତର ଡିଜିଟାଲ ଦେୟ ବ୍ୟବସ୍ଥା ବିଶ୍ୱର ଅନେକ ଦେଶ ଆଗ୍ରହର କେନ୍ଦ୍ର ପାଲଟିଛି। ଏହା କେବଳ ପ୍ରଯୁକ୍ତିର କାହାଣୀ ନୁହେଁ, ଏହା ଛୋଟ ବ୍ୟବସାୟୀ, ଦୋକାନୀ, ଯୁବକ, ଶ୍ରମିକ ଓ ସାଧାରଣ ନାଗରିକଙ୍କ ଦୈନନ୍ଦିନ ଲେନଦେନକୁ ସହଜ କରିଥିବା ପରିବର୍ତନର କାହାଣୀ। ମୋଦୀଙ୍କ 'ସେବାରୁ ସଂକଳ୍ପ' ଚିନ୍ତାଧାରାର ଆଉ ଏକ ବଡ ପର୍ଯ୍ୟାୟ ହେଉଛି ଆତ୍ମନିର୍ଭର ଭାରତ। ଦେଶ କେବଳ ବିଶ୍ୱ ବଜାରର ଉପଭୋକ୍ତା ହୋଇ ରହିବ ନାହିଁ, ନିଜ ଆବଶ୍ୟକତା ପୂରଣ ସହିତ ବିଶ୍ୱକୁ ଉତ୍ପାଦ ଓ ସେବା ଯୋଗାଇବ-ଏହି ଚିନ୍ତାଧାରା ଉତ୍ପାଦନ, ପ୍ରଯୁକ୍ତି, ପ୍ରତିରକ୍ଷା, ଔଷଧ, ଇଲେକ୍ଟ୍ରୋନିକ୍ସ, ଅର୍ଦ୍ଧଚାଳକ, ଅକ୍ଷୟ ଶକ୍ତି ଓ ଅନ୍ୟାନ୍ୟ କ୍ଷେତ୍ରରେ ନୂଆ ଆଶା ସୃଷ୍ଟି କରିଛି। ଭାରତୀୟ ଯୁବପିଢି ପାଇଁ ଏହାର ଅର୍ଥ ହେଉଛି ଦେଶ ମଧ୍ୟରେ ଅଧିକ ଉତ୍ପାଦନ, ଅଧିକ ନିବେଶ ଓ ଅଧିକ କାର୍ଯ୍ୟସୁଯୋଗ ସୃଷ୍ଟିର ସମ୍ଭାବନା। କୃଷକଙ୍କ ପାଇଁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ମାଧ୍ୟମରେ ସିଧାସଳଖ ଆର୍ଥିକ ସହାୟତା, ଫସଲ ବୀମା, ମୃତିକା ସ୍ୱାସ୍ଥ୍ୟ, ସିଚାଇ ଓ କୃଷି ବଜାର ସଂସ୍କାର ଭଳି ପଦକ୍ଷେପ ନିଆଯାଇଛି। କୃଷକଙ୍କ ସମସ୍ୟା ଏକ ଦିନରେ ସମାଧାନ ହେବ ନାହିଁ, ଏହା ସତ୍ୟ, କିନ୍ତୁ କୃଷିକ ଉତ୍ପାଦନ ସହିତ ପ୍ରକ୍ରିୟାକରଣ, ମୂଲ୍ୟବୃଦ୍ଧି ଓ ବଜାର ସହିତ ଯୋଡିବାର ଆବଶ୍ୟକତା ଏବେ ଜାତୀୟ ଆଲୋଚନାର କେନ୍ଦ୍ରରେ ଆସିଛି। ମହିଳା ସଶକ୍ତିକରଣ ମଧ୍ୟ ଏହି ଯାତ୍ରାର ଏକ ମୁଖ୍ୟ ଅଧ୍ୟାୟ। ଗରିବ ଘରର ମହିଳାଙ୍କୁ ରୋଷେଇ ଇନ୍ଧନ, ଶୌଚାଳୟ, ଘର, ପାନୀୟ ଜଳ ଓ ବ୍ୟାଙ୍କ ଖାତା ସହିତ ଯୋଡିବାର ପ୍ରଭାବ କେବଳ ଆର୍ଥିକ ନୁହେଁ, ଏହା ସାମାଜିକ ସମ୍ମାନ ସହିତ ମଧ୍ୟ ଜଡିତ। ମହିଳାଙ୍କ ନେତୃତ୍ୱରେ ବିକାଶର ଧାରଣା ଆଜି ଦେଶର ନୀତି ଆଲୋଚନାରେ ଅଧିକ ଗୁରୁତ୍ୱ ପାଇଛି। ଯୁବକଙ୍କ ପାଇଁ କୌଶଳ, ବିକାଶ, ଉଦ୍ୟମିତା, ନୂତନ ବ୍ୟବସାୟ ଓ ନୂତନ ପ୍ରଯୁକ୍ତିର ସୁଯୋଗ ବଢିଛି। ମହାକାଶ କ୍ଷେତ୍ରରେ ଭାରତୀୟ ସଫଳତା, ଚନ୍ଦ୍ରଯାନର ଐତିହାସିକ ଅଭିଯାନ, ଡିଜିଟାଲ ପ୍ରଯୁକ୍ତିର ବିସ୍ତାର, ଦେଶୀୟ ପ୍ରତିରକ୍ଷା ଉତ୍ପାଦନର ବୃଦ୍ଧି ଓ ଆନ୍ତର୍ଜାତୀୟ ମଂଚରେ ଭାରତର ବଢୁଥିବା ପ୍ରଭାବ ଏକ ନୂଆ ଆତ୍ମବିଶ୍ୱାସର ସୂଚନା ଦେଇଛି। ତଥାପି ଯେକୌଣସି ସରକାର ମୂଲ୍ୟାୟନ କରିବାବେଳେ ଆତ୍ମପ୍ରଶଂସା ଯେତିକି ଅନୁଚିତ, ଅତିରିକ୍ତ ନିନ୍ଦା ମଧ୍ୟ ସେତିକି ଅନୁଚିତ। ଭାରତ ଭଳି ବିଶାଳ ଓ ବିବିଧ ଦେଶରେ ବେକାରି, କୃଷକଙ୍କ ଆୟ, ମୂଲ୍ୟବୃଦ୍ଧି, ଅସମାନତା, ଶିକ୍ଷାର ଗୁଣବତା, ସ୍ୱାସ୍ଥ୍ୟସେବାର ପହଂଚ ଓ ନଗରୀୟ ଚାପ ଭଳି ପ୍ରଶ୍ନ ଆହୁରି ରହିଛି। ତେଣୁ 'ସେବାରୁ ସଂକଳ୍ପ'ର ପରବର୍ତୀ ପଦକ୍ଷେପ କେବଳ ଯୋଜନା ଘୋଷଣା ନୁହେଁ, ଘୋଷିତ ଯୋଜନାର ଗୁଣବତାପୂର୍ଣ୍ଣ ରୂପାୟନ ହେବା ଆବଶ୍ୟକ। ଲୋକଙ୍କ ଜୀବନରେ ଶେଷ ପର୍ଯ୍ୟନ୍ତ କେତେ ପରିବର୍ତନ ଆସିଲା, ସେହି ହେଉଛି ସଫଳତାର ସର୍ବଶ୍ରେଷ୍ଠ ମାପଦଣ୍ଡ। ଏଠାରେ ଓଡ଼ିଶାର ଭୂମିକା ମଧ୍ୟ ଅତ୍ୟନ୍ତ ବଡ। ଓଡ଼ିଶା ଏବେ ଖଣିଜ ସମ୍ପଦ ଭିତିକ ଅର୍ଥନୀତିରୁ ଜ୍ଞାନ, ପ୍ରଯୁକ୍ତି, ଶିଳ୍ପ ଓ ନୂତନ ଉଦ୍ୟମ ଭିତିକ ଅର୍ଥନୀତି ଦିଗରେ ଆଗକୁ ବଢିବାର ଏକ ବଡ ସୁଯୋଗ ସମ୍ମୁଖୀନ। ରେଳ, ବନ୍ଦର, ରାଜପଥ, ବିମାନ ସଂଯୋଗ, ଶିଳ୍ପ କରିଡର, ନିବେଶ, ଅର୍ଦ୍ଧଚାଳକ ଶିଳ୍ପ, ନୂତନ ପ୍ରଯୁକ୍ତି, ପର୍ଯ୍ୟଟନ ଓ କୌଶଳ ବିକାଶରେ ରାଜ୍ୟ ଓ କେନ୍ଦ୍ରର ସମନ୍ୱୟ ଓଡ଼ିଶାର ଭବିଷ୍ୟତକୁ ନୂଆ ଦିଗ ଦେଇପାରେ। ଏଠାରେ ରାଜନୈତିକ ଶ୍ରେୟର ପ୍ରତିଯୋଗିତାଠାରୁ ବିକାଶର ପ୍ରତିଯୋଗିତା ଅଧିକ ଜରୁରୀ। କାହାର ନାମରେ ଯୋଜନା ହେଲା, କିଏ ଉଦଘାଟନ କଲେ, କିଏ ଶିଳାନ୍ୟାସ କଲେ-ଏହି ପ୍ରଶ୍ନଠାରୁ ବଡ ପ୍ରଶ୍ନ ହେଉଛି ସାଧାରଣ ଲୋକ କ'ଣ ପାଇଲେ। ଏକ ଗରିବ ପରିବାରର ଘର ଯଦି ପକ୍କା ହୁଏ, ଏକ ମହିଳାଙ୍କ ରୋଷେଇଘର ଯଦି ଧୂଆଁମୁକ୍ତ ହୁଏ, ଏକ କୃଷକଙ୍କୁ ଯଦି ସମୟରେ ସହାୟତା ମିଳେ, ଏକ ଛାତ୍ରଙ୍କୁ ଯଦି ଭଲ ଶିକ୍ଷାର ସୁଯୋଗ ମିଳେ, ଏକ ଯୁବକଙ୍କୁ ଯଦି ଚାକିରି କିମ୍ବା ନିଜସ୍ୱ ଉଦ୍ୟମର ସୁଯୋଗ ମିଳେ, ଏକ ଗାଁକୁ ଯଦି ସଡକ ଓ ପାନୀୟ ଜଳ ମିଳେ, ତେବେ ସେହି ହେଉଛି ଶାସନର ପ୍ରକୃତ ଅର୍ଥ। 'ସେବା' ସେତେବେଳେ ସାର୍ଥକ ହୁଏ, ଯେତେବେଳେ ଏହା 'ସଂକଳ୍ପ'ରେ ପରିଣତ ହୁଏ ଏବଂ ସଂକଳ୍ପ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ, ଯେତେବେଳେ ତାହା ଦୃଶ୍ୟମାନ ପରିବର୍ତନରେ ପରିଣତ ହୁଏ। ମୋଦୀଙ୍କ ରାଜନୈତିକ ଯାତ୍ରାକୁ ସମର୍ଥନ କରୁଥିବା ଲୋକଙ୍କ ପାଇଁ ଏହା ଏକ ଆଶାର ଯାତ୍ରା, ସମାଲୋଚକଙ୍କ ପାଇଁ ଏହା ମୂଲ୍ୟାୟନର ବିଷୟ, ଆଉ ସାଧାରଣ ନାଗରିକଙ୍କ ପାଇଁ ଏହା ତାଙ୍କ ଦୈନନ୍ଦିନ ଜୀବନର ପ୍ରଶ୍ନ। ଗଣତନ୍ତ୍ରର ସୌନ୍ଦର୍ଯ୍ୟ ହେଉଛି- ସରକାରକୁ ପ୍ରଶଂସା କରିବାର ଅଧିକାର ଯେପରି ନାଗରିକଙ୍କ ଅଛି, ସେପରି ପ୍ରଶ୍ନ କରିବାର ଅଧିକାର ମଧ୍ୟ ଅଛି। ତେଣୁ ସେବାର ଯାତ୍ରାକୁ ସଂକଳ୍ପର ଯାତ୍ରାରେ ପରିଣତ କରିବାକୁ ହେଲେ ସ୍ୱଚ୍ଛତା, ଦାୟିତ୍ୱବୋଧ, ଜନଶୁଣାଣୀ, ଦ୍ରୁତ ନ୍ୟାୟ, ଦୁର୍ନୀତି ବିରୋଧୀ ପଦକ୍ଷେପ ଓ ପ୍ରଶାସନିକ ଜବାବଦେହିତାକୁ ଆହୁରି ମଜବୁତ କରିବାକୁ ପଡିବ। ଭାରତର ଆଗାମୀ ଦଶକ କେବଳ ଅର୍ଥନୈତିକ ବୃଦ୍ଧିର ଦଶକ ନୁହେଁ, ଏହା ମାନବ ସମ୍ପଦର ଦଶକ ହେବା ଦରକାର। ଦେଶର ପ୍ରତ୍ୟେକ ଶିଶୁ ଭଲ ଶିକ୍ଷା ପାଉ, ପ୍ରତ୍ୟେକ ଯୁବକ କୌଶଳ ପାଉ, ପ୍ରତ୍ୟେକ କୃଷକ ସମ୍ମାନଜନକ ଆୟ ପାଉ, ପ୍ରତ୍ୟେକ ମହିଳା ସୁରକ୍ଷା ଓ ସମାନ ସୁଯୋଗ ପାଉ, ପ୍ରତ୍ୟେକ ବୃଦ୍ଧି ନିରାପତା ପାଉ, ପ୍ରତ୍ୟେକ ଗାଁ ଆଧୁନିକ ସୁବିଧା ସହିତ ଯୋଡିହେଉ ଏବଂ ପ୍ରତ୍ୟେକ ନାଗରିକ ନିଜ ଦେଶକୁ ନେଇ ଗର୍ବ କରିପାରୁ-ଏହା ଦେବା ଦରକାର ସଂକଳ୍ପର ଶେଷ ଲକ୍ଷ୍ୟ। ରାଜନୀତି ଆସିବ ଓ ଯିବ, ନିର୍ବାଚନ ହେବ ଓ ଫଳାଫଳ ବଦଳିବ, କିନ୍ତୁ ଦେଶର ବିକାଶର ଯାତ୍ରା ରୁକିବା ଉଚିତ ନୁହେଁ। ଏହି କାରଣରୁ 'ସେବାରୁ ସଂକଳ୍ପ'କୁ କେବଳ ଗୋଟିଏ ରାଜନୈତିକ ନାରା ଭାବେ ନୁହେଁ, ବରଂ ଶାସନର ଏକ ନିରନ୍ତର ପ୍ରତିଜ୍ଞା ଭାବରେ ଦେଖିବା ଆବଶ୍ୟକ। ଭାରତର ଲକ୍ଷ୍ୟ କେବଳ ଶକ୍ତିଶାଳୀ ରାଷ୍ଟ୍ର ହେବା ନୁହେଁ, ଭାରତର ଲକ୍ଷ୍ୟ ହେଉ , ନ୍ୟାୟସଙ୍ଗତ, ସମାବେଶୀ, ସ୍ୱାବଲମ୍ବୀ, ସୁଯୋଗପୂର୍ଣ୍ଣ ଓ ସମ୍ମାନଜନକ ସମାଜ ଗଢିବା। ମୋଦୀଙ୍କ ନେତୃତ୍ୱରେ ଗତ ବର୍ଷଗୁଡିକରେ ଯେଉଁ ପରିବର୍ତନର ଭିତି ରଖାଯାଇଛି, ତାହାକୁ ଦୃଢ କରିବାର ଦାୟିତ୍ୱ ଏବେ ସରକାର ସହିତ ନାଗରିକ ସମାଜ, ଶିଳ୍ପ, ଶିକ୍ଷାନୁଷ୍ଠାନ, ଯୁବପିଢି ଓ ପ୍ରତ୍ୟେକ ଭାରତୀୟଙ୍କର। କାରଣ ବିକଶିତ ଭାରତ କୌଣସି ଜଣେ ନେତାଙ୍କ ଏକାକୀ ସ୍ୱପ୍ନରେ ଗଢି ଉଠିବ ନାହିଁ, ଏହା କୋଟି କୋଟି ଭାରତୀୟଙ୍କ ପରିଶ୍ରମ, ଶୃଙ୍ଖଳା, ନୂତନ ଚିନ୍ତା, ଦାୟିତ୍ୱ ଓ ସାମୂହିକ ସଂକଳ୍ପରେ ଗଢି ଉଠିବ। ସେବାରୁ ଆରମ୍ଭ ହୋଇଥିବା ଚିନ୍ତା ଯେତେବେଳେ ସଂକଳ୍ପରେ ପରିଣତ ହୁଏ, ସଂକଳ୍ପ ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ ଏବଂ କାର୍ଯ୍ୟ ଯେତେବେଳେ ସାଧାରଣ ମଣିଷର ଜୀବନରେ ସୁଖ, ସୁରକ୍ଷା, ସମ୍ମାନ ଓ ସୁଯୋଗ ଆଣିଥାଏ, ସେତେବେଳେ ହିଁ ଏକ ଯାତ୍ରା ତାହାର ପ୍ରକୃତ ଅର୍ଥ ପାଇଥାଏ। ଆଜିର ଭାରତ ଯେଉଁ ନୂଆ ଆତ୍ମବିଶ୍ୱାସ ସହିତ ଆଗକୁ ଚାହୁଁଛି, ସେହି ଆତ୍ମବିଶ୍ୱାସକୁ ସ୍ଥାୟୀ ବିକାଶରେ ପରିଣତ କରିବା ହେଉଛି ଆଗାମୀ ଦିନର ସର୍ବବୃହତ ପରୀକ୍ଷା। ସେହି ପରୀକ୍ଷାରେ ସଫଳତାର ଏକାମତ୍ର ମାପଦଣ୍ଡ ହେଉ - ଭାରତୀୟଙ୍କ ଜୀବନରେ କେତେ ପରିବର୍ତନ ଆସିଲା। ଏହି ମାପଦଣ୍ଡରେ 'ସେବାରୁ ସଂକଳ୍ପ' ଏକ ନାରା ନୁହେଁ, ଏକ ଦାୟିତ୍ୱ, ଏକ ଯାତ୍ରା ନୁହେଁ, ଏକ ଦୀର୍ଘ ଜାତୀୟ ପ୍ରତିଜ୍ଞା-ସେବା କରିବା, ସଂକଳ୍ପ ନେବା, କାର୍ଯ୍ୟ କରିବା ଏବଂ ଏକ ସଶକ୍ତ, ସମୃଦ୍ଧ ଓ ବିକଶିତ ଭାରତ ଗଢିବା।

# ସରକାରର ମୁଖ୍ୟ ଭାବେ ୨୫ ବର୍ଷ ପୂରଣ: ମୋଦୀଙ୍କୁ ବିଶ୍ୱନେତାଙ୍କ ଅଭିନନ୍ଦନ

ନୂଆଦିଲ୍ଲୀ,୮/୧୦ (ପିଆଇବି): ସରକାରର ମୁଖ୍ୟ ଭାବେ କ୍ରମାଗତ ୨୫ ବର୍ଷର ଐତିହାସିକ ଯାତ୍ରା ପୂରଣ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିଭିନ୍ନ ଦେଶର ପ୍ରମୁଖ ନେତାମାନେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ୨୦୦୧ ମସିହାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣଠାରୁ ଆରମ୍ଭ କରି ୨୦୧୪ ମସିହାରେ ଭାରତର ପ୍ରଧାନମନ୍ତ୍ରୀ ହେବା ପର୍ଯ୍ୟନ୍ତ ଏବଂ ପରବର୍ତ୍ତୀ ସମୟରେ ମଧ୍ୟ ଜାରି ରହିଥିବା ତାଙ୍କର ଜନସେବା ଓ ନେତୃତ୍ୱ ଯାତ୍ରାକୁ ବିଶ୍ୱନେତାମାନେ ପ୍ରଶଂସା କରିଛନ୍ତି। ସୁଶାସନ, ବିକାଶ, ଜନକଲ୍ୟାଣ, ପ୍ରଯୁକ୍ତି, ଭିତ୍ତିଭୂମି, ଆର୍ଥିକ ଅନ୍ତର୍ଭୁକ୍ତି, ନବସୃଜନ, ବିଶ୍ୱ ଶାନ୍ତି ଓ ସମାବେଶୀ ବିକାଶ ପ୍ରତି ମୋଦୀଙ୍କ ପ୍ରତିବଦ୍ଧତାକୁ ସେମାନେ ଉଲ୍ଲେଖ କରିଛନ୍ତି। ଭୁଟାନର ପ୍ରଧାନମନ୍ତ୍ରୀ ଶେରିଙ୍ଗ ତୋବଗେ ମୋଦୀଙ୍କୁ ଅଭିନନ୍ଦନ ଜଣାଇ ତାଙ୍କୁ ଆମ ସମୟର ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଭାବେ ବର୍ଣ୍ଣନା କରିଛନ୍ତି। ନାଇଜେରିଆର ରାଷ୍ଟ୍ରପତି ବୋଲା ଅହମ୍ମଦ ତିନୁବୁ ଭାରତୀୟ ଜନସାଧାରଣ ଓ ନିଜ ତରଫରୁ ମୋଦୀଙ୍କୁ ଏହି ଐତିହାସିକ ଉପଲବ୍ଧି ପାଇଁ ଭ୍ରାତୃତ୍ୱପୂର୍ଣ୍ଣ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ, ୨୦୦୧ ମସିହାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଓ ସରକାରର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ମୋଦୀଙ୍କ ଜନସେବା ଅବିରତ ଭାବେ ଚାଲିଆସିଛି। ଗୁଜରାଟରେ ଦୀର୍ଘ ସମୟ ଜନସେବା କରିବା ପରେ ସେ ୨୦୧୪ ମସିହାରୁ ଭାରତର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଆସୁଛନ୍ତି। ଏକ ଗଣତନ୍ତ୍ରରେ ୨୫ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ସରକାରର ମୁଖ୍ୟ ଭାବେ ନେତୃତ୍ୱ ପ୍ରଦାନ କରିବା ଏକ ବିରଳ ସଫଳତା ବୋଲି ତିନୁବୁ କହିଛନ୍ତି। ଭାରତୀୟ ଜନସାଧାରଣଙ୍କ ତାଙ୍କ



ପ୍ରତି ଥିବା ବିଶ୍ୱାସ ଏହାର ବଳିଷ୍ଠ ପ୍ରମାଣ ବୋଲି ସେ ମତ ଦେଇଛନ୍ତି। ଏହି ୨୫ ବର୍ଷ ମଧ୍ୟରେ ମୋଦୀ ଦୂରଦୃଷ୍ଟି ଓ ବିକାଶ ପ୍ରତି ଅଟଳ ପ୍ରତିବଦ୍ଧତା ସହ ନେତୃତ୍ୱ ଦେଇଆସିଥିବା ସେ କହିଛନ୍ତି। ଗୁଜରାଟର ରୂପାନ୍ତରଣଠାରୁ ଆରମ୍ଭ କରି ଭାରତକୁ ବିଶ୍ୱର ଏକ ପ୍ରମୁଖ ଓ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥାରେ ପରିଣତ କରିବା ପର୍ଯ୍ୟନ୍ତ ତାଙ୍କ ନେତୃତ୍ୱର ପ୍ରଭାବ ଦେଖିବାକୁ ମିଳିଛି। ଭିତ୍ତିଭୂମି, ଡିଜିଟାଲ୍ ସାର୍ବଜନୀନ ସୁବିଧା, ଆର୍ଥିକ ଅନ୍ତର୍ଭୁକ୍ତି ଓ ନବସୃଜନ କ୍ଷେତ୍ରରେ ତାଙ୍କ ନେତୃତ୍ୱ ଲକ୍ଷ ଲକ୍ଷ ଲୋକଙ୍କ ଜୀବନରେ ଉନ୍ନତି ଆଣିଥିବା ସହ ଦକ୍ଷିଣ ବିଶ୍ୱର ଅନେକ ଦେଶକୁ ପ୍ରେରଣା ଦେଇଛି ବୋଲି ତିନୁବୁ ଉଲ୍ଲେଖ କରିଛନ୍ତି। ଭାରତ ଓ ନାଇଜେରିଆ ମଧ୍ୟରେ ଥିବା ରଣନୀତିକ ଭାଗୀଦାରିକୁ ନାଇଜେରିଆ ଗୁରୁତ୍ୱ ଦେଉଥିବା ସେ କହିଛନ୍ତି। ୨୦୨୪ ନଭେମ୍ବରରେ ମୋଦୀଙ୍କ ନାଇଜେରିଆ ଗସ୍ତକୁ ସ୍ମରଣ କରି ସେ କହିଛନ୍ତି ଯେ, ସେହି ଗସ୍ତ ସମୟରେ ନାଇଜେରିଆ ପକ୍ଷରୁ ମୋଦୀଙ୍କୁ ଦେଶର ଏକ ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହି ଗସ୍ତ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଓ ନିବେଶ, ଶକ୍ତି, ପ୍ରତିରକ୍ଷା ଓ ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ପ୍ରଯୁକ୍ତି କ୍ଷେତ୍ରର ସହଯୋଗକୁ ନୂଆ ଗତି ଦେଇଥିଲା ବୋଲି ସେ କହିଛନ୍ତି। ଗଣତାନ୍ତ୍ରିକ ରାଷ୍ଟ୍ର ଓ ଦକ୍ଷିଣ ବିଶ୍ୱର ଅଗ୍ରଣୀ ସ୍ୱର ଭାବେ ନାଇଜେରିଆ ଓ ଭାରତ ଅଧିକ ନ୍ୟାୟପୂର୍ଣ୍ଣ, ସମାବେଶୀ ଓ ପ୍ରତିନିଧିତ୍ୱମୂଳକ ଆନ୍ତର୍ଜାତୀୟ ବ୍ୟବସ୍ଥା ପାଇଁ ସାମୂହିକ ପ୍ରତିବଦ୍ଧତା ବହନ କରୁଥିବା ତିନୁବୁ କହିଛନ୍ତି। ମୋଦୀଙ୍କ ନିରନ୍ତର ନେତୃତ୍ୱରେ ଦୁଇ ଦେଶର ଲୋକଙ୍କ ମଧ୍ୟରେ ବନ୍ଧୁତ୍ୱ ଆହୁରି ସୁଦୃଢ଼ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଭାରତର ଜନସାଧାରଣଙ୍କ ସେବାରେ ମୋଦୀଙ୍କ ଉତ୍ତମ ସ୍ୱାସ୍ଥ୍ୟ, ନିରନ୍ତର ଶକ୍ତି ଓ ସଫଳତା ପାଇଁ ନାଇଜେରିଆ ରାଷ୍ଟ୍ରପତି ଶୁଭକାମନା ଜଣାଇଛନ୍ତି। ଫିଲିପାଇନ୍ସର ରାଷ୍ଟ୍ରପତି ମଧ୍ୟ ସରକାରର ମୁଖ୍ୟ ଭାବେ ୨୫ ବର୍ଷର ନିରନ୍ତର ଜନସେବା ପୂରଣ କରିଥିବାରୁ ମୋଦୀଙ୍କୁ ଅଶେଷ ଶୁଭେଚ୍ଛା ଜଣାଇଛନ୍ତି। ଗୁଜରାଟରୁ ଆରମ୍ଭ କରି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ନେତୃତ୍ୱ ନେବା ପର୍ଯ୍ୟନ୍ତ ମୋଦୀଙ୍କ ଯାତ୍ରାରେ ସୁଶାସନ, ଅଭିନବ ପଦକ୍ଷେପ, ପ୍ରଯୁକ୍ତି, ଭିତ୍ତିଭୂମି ଓ ବିକାଶ ଉପରେ ଦୃଢ଼ ଗୁରୁତ୍ୱ ରହିଥିବା ସେ କହିଛନ୍ତି। ଏହି ନେତୃତ୍ୱ ଭାରତର ରୂପାନ୍ତରଣ ଓ ବିଶ୍ୱସ୍ତରରେ ଭାରତର ଭୂମିକା ବୃଦ୍ଧିରେ ଯୋଗଦାନ କରିଛି ବୋଲି ସେ ମତ ଦେଇଛନ୍ତି। ୨୦୨୫ ମସିହାରେ ଭାରତ ଓ ଫିଲିପାଇନ୍ସ ମଧ୍ୟରେ ରଣନୀତିକ ଭାଗୀଦାରି ସ୍ଥାପନଠାରୁ ଆରମ୍ଭ କରି ଗତ ମାସରେ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ସମ୍ପର୍କିତ ମିଳିତ ପଦକ୍ଷେପରେ ଫିଲିପାଇନ୍ସର ଯୋଗଦାନ ପର୍ଯ୍ୟନ୍ତ ଦୁଇ ଦେଶର ସମ୍ପର୍କ ନିରନ୍ତର ସୁଦୃଢ଼ ହୋଇଆସିଥିବା ସେ କହିଛନ୍ତି। ଆସନ୍ତା ନଭେମ୍ବରରେ ଫିଲିପାଇନ୍ସର ରାଜଧାନୀ ମାନିଲାରେ ହେବାକୁ ଥିବା ଆସିଆନ୍-ଭାରତ ଓ ପୂର୍ବ ଏସିଆ ସମ୍ମିଳନୀରେ ମୋଦୀଙ୍କୁ ସ୍ୱାଗତ କରିବା ପାଇଁ ସେ ଅପେକ୍ଷା କରିଥିବା କହିଛନ୍ତି। ନେପାଳର ପ୍ରଧାନମନ୍ତ୍ରୀ ମଧ୍ୟ ମୋଦୀଙ୍କୁ ନିଷ୍ଠାପର ଜନସେବାର ୨୫ ବର୍ଷ ପୂରଣ ପାଇଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ଆଗାମୀ ଦିନରେ ତାଙ୍କ ଓ ତାଙ୍କ ସରକାରର ନିରନ୍ତର ସଫଳତା ଓ ସମୃଦ୍ଧି ପାଇଁ ଶୁଭକାମନା କରିଛନ୍ତି। ବୋତ୍ସ୍ୱାନାର ରାଷ୍ଟ୍ରପତି ମଧ୍ୟ ସରକାରର ମୁଖ୍ୟ ଭାବେ ୨୫ ବର୍ଷ ପୂରଣ କରିଥିବାରୁ ମୋଦୀଙ୍କୁ ଅଭିନନ୍ଦନ ଜଣାଇ ଭାରତୀୟ ଜନସାଧାରଣଙ୍କ ପ୍ରତି ତାଙ୍କର ନିଷ୍ଠା ଓ ସେବାକୁ ପ୍ରଶଂସା କରିଛନ୍ତି। ଦୁଇ ଦେଶ ମଧ୍ୟରେ ଥିବା ସ୍ଥାୟୀ ବନ୍ଧୁତ୍ୱକୁ ଆଗକୁ ବଢ଼ାଇବା ପାଇଁ ଆଶା ପ୍ରକାଶ କରି ସେ ମୋଦୀଙ୍କ ଆଗାମୀ ସଫଳତା କାମନା କରିଛନ୍ତି। ବେଲଜିୟମର ପ୍ରଧାନମନ୍ତ୍ରୀ ଗୁଜରାଟରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ସରକାରରେ କ୍ରମାଗତ ୨୫ ବର୍ଷର ନେତୃତ୍ୱ ପାଇଁ ମୋଦୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ନିକଟରେ ତାଙ୍କ ଭାରତ ଗସ୍ତ ଫଳପ୍ରଦ ରହିଥିବା ଏବଂ ଦୁଇ ଦେଶର ଦୃଢ଼ ଭାଗୀଦାରିକୁ ଆହୁରି ସୁଦୃଢ଼ କରିବାକୁ ସେ ଆଶାବାଦୀ ଥିବା କହିଛନ୍ତି। ଜାପାନର ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱର ୨୫ତମ ବର୍ଷପୂର୍ତ୍ତି ପାଇଁ ଶୁଭେଚ୍ଛା ଜଣାଇ ଭାରତର ସାମାଜିକ ଓ ଜାତୀୟ ବିକାଶ ପାଇଁ ବର୍ଷ ବର୍ଷ ଧରି ମୋଦୀଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି। ୨୦୦୧ ମସିହାରୁ ସେ ଉତ୍କୃଷ୍ଟ ରାଜନୈତିକ ନେତୃତ୍ୱ ସହ ସରକାରର ମୁଖ୍ୟ ଭାବେ କାର୍ଯ୍ୟ କରିଆସିଥିବା ଜାପାନ ପ୍ରଧାନମନ୍ତ୍ରୀ କହିଛନ୍ତି। ମୋଦୀଙ୍କ ନେତୃତ୍ୱ ଭାରତର ବିକାଶକୁ ତ୍ୱରାନ୍ୱିତ କରିବା ସହ ଅନ୍ତର୍ଜାତୀୟ କ୍ଷେତ୍ରରେ ଭାରତର ପ୍ରତିଷ୍ଠାକୁ ନୂଆ ଉଚ୍ଚତାକୁ ନେଇଛି ବୋଲି ସେ କହିଛନ୍ତି। ଗତ ଜୁଲାଇରେ ତାଙ୍କ ଭାରତ ଗସ୍ତ ସମୟରେ ମିଳିଥିବା ଉଷ୍ମ ସ୍ୱାଗତ ପାଇଁ ସେ ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଭାରତର ଖାଦ୍ୟ ଓ ସଙ୍ଗୀତର ଅନୁଭୂତି ସହ ଦୁଇ ଦେଶର ବିଶେଷ ରଣନୀତିକ ଓ ବିଶ୍ୱସ୍ତରୀୟ ଭାଗୀଦାରିକୁ ଆହୁରି ଉଚ୍ଚସ୍ତରକୁ ନେବା ନେଇ ଆଲୋଚନା ହୋଇଥିବା ସେ କହିଛନ୍ତି। ଆସନ୍ତା ବର୍ଷ ଜାପାନ ଓ ଭାରତ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୭୫ତମ ବାର୍ଷିକୀ ପାଳନ ହେବାକୁ ଥିବା ବେଳେ ମୁକ୍ତ ଓ ସ୍ୱାଧୀନ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଗଠନ ପାଇଁ ମୋଦୀଙ୍କ ପ୍ରତିବଦ୍ଧତାକୁ ଜାପାନ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ଦୁଇ ଦେଶର ଭାଗୀଦାରିକୁ ଆହୁରି ଆଗକୁ ବଢ଼ାଇବା ପାଇଁ ମୋଦୀଙ୍କ ସହ ଘନିଷ୍ଠ ଭାବେ କାମ କରିବାକୁ ସେ ଆଶା ପ୍ରକାଶ କରିଛନ୍ତି। ଡୋମିନିକାର ପ୍ରଧାନମନ୍ତ୍ରୀ ମଧ୍ୟ ମୋଦୀଙ୍କୁ ପ୍ରିୟ ବନ୍ଧୁ ଭାବେ ସମ୍ବୋଧନ କରି ସରକାରର ମୁଖ୍ୟ ଭାବେ ୨୫ ବର୍ଷର ନିରନ୍ତର ସେବା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଗୁଜରାଟରୁ ଭାରତର ନେତୃତ୍ୱ ପର୍ଯ୍ୟନ୍ତ ତାଙ୍କ ଯାତ୍ରାକୁ ସେ ଉଲ୍ଲେଖ କରିଛନ୍ତି। ଡୋମିନିକା ପ୍ରତି ମୋଦୀଙ୍କ ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ଓ ସେଠାକାର ଲୋକଙ୍କ ପ୍ରତି ତାଙ୍କ ଉଦାରତା ପାଇଁ ସେ କୃତଜ୍ଞତା ଜଣାଇଛନ୍ତି।

# ଭଦ୍ରକରେ ଭୋଟର ନାମ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ, ୭ରୁ ୯ ଅକ୍ଟୋବର ବୁଥ୍‌ସ୍ତରରେ ସ୍ୱତନ୍ତ୍ର ଶିବିର



ଭଦ୍ରକ,୮/୧୦ : ଭାରତୀୟ ନିର୍ବାଚନ ଆୟୋଗ ଓ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲାରେ ବାଦ ପଡ଼ିଥିବା ଯୋଗ୍ୟ ଭୋଟର ଏବଂ ୧ ଅକ୍ଟୋବର ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି।

ଅଭିଯାନର ସୁଚାରୁ ରୂପାୟଣ ପାଇଁ ଅକ୍ଟୋବର ୭ ତାରିଖରେ ସମସ୍ତ ଏଇଆରଓଙ୍କ ପକ୍ଷରୁ ଭଦ୍ରକ ଜିଲ୍ଲାରେ ବିଭିନ୍ନ ବ୍ଲକସ୍ତରରେ ବୁଥ୍ ? ଲେଭେଲ୍ ? ଅଫିସର (ବିଏଲଓ) ଏବଂ ବିଏଲଓ ସୁପରଭାଇଜରମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପ୍ରଶିକ୍ଷଣ ସମୟରେ ଯୋଗ୍ୟ ଭୋଟରଙ୍କ ଚିହ୍ନଟ ଓ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପ୍ରକ୍ରିୟା ସମ୍ପର୍କରେ ବିଏଲଓ ଓ ସୁପରଭାଇଜରମାନଙ୍କୁ ସଚେତନ କରାଯାଇଛି।

ସ୍ୱତନ୍ତ୍ର ଅଭିଯାନର ଅଂଶ ଭାବେ ଅକ୍ଟୋବର ୭ରୁ ୯ ତାରିଖ ପର୍ଯ୍ୟନ୍ତ ବୁଥ୍ ?ସ୍ତରରେ ସ୍ୱତନ୍ତ୍ର ଶିବିର ଆୟୋଜିତ ହେବ। ଏହି ଶିବିରଗୁଡ଼ିକରେ ବିଏଲଓମାନେ ଉପସ୍ଥିତ ରହି ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ସମ୍ପର୍କିତ ସହାୟତା ପ୍ରଦାନ କରିବେ।

ଭୋଟର ତାଲିକାକୁ ସଠିକ୍, ସମ୍ପୂର୍ଣ୍ଣ ଓ ସମାବେଶୀ କରିବା ସହିତ କୌଣସି ଯୋଗ୍ୟ ନାଗରିକ ଯେପରି ପଞ୍ଜୀକରଣରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ଈଖଙ ଓ ସୁପରଭାଇଜରମାନଙ୍କୁ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ପ୍ରଶିକ୍ଷଣରେ ନିର୍ଦ୍ଦେଶ ଦିଆଯାଇଛି।

୧ ଅକ୍ଟୋବର ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ସମସ୍ତ ଯୋଗ୍ୟ ଯୁବକ-ଯୁବତୀ ଏବଂ ଝଓଜ-୨୦୨୬ ସମୟରେ କୌଣସି କାରଣରୁ ଭୋଟର ତାଲିକାରେ ନାମ ସାମିଲ ହୋଇପାରିନଥିବା ବ୍ୟକ୍ତିମାନେ ନିଜ ଅଞ୍ଚଳର ବିଏଲଓଙ୍କ ନିକଟରେ ଯୋଗାଯୋଗ କରି ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ କରାଇପାରିବେ।

ନିର୍ବାଚନ ଆୟୋଗର ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ଏଥର ଘୋଷଣାପତ୍ର (Declaration Form) ଦାଖଲ କରିବାର ଆବଶ୍ୟକତାକୁ ହଟାଇ ଦିଆଯାଇଛି।

ତେଣୁ ଭଦ୍ରକ ଜିଲ୍ଲାର ସମସ୍ତ ଯୋଗ୍ୟ ନାଗରିକ ଏହି ସୁଯୋଗର ସଦୁପଯୋଗ କରି ନିଜ ନାମ ଭୋଟର ତାଲିକାରେ ସାମିଲ କରାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି।

# ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସମେତ ଇଣ୍ଡିଆ ବ୍ଲକ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା



ଭୁବନେଶ୍ୱର,୮/୧୦ : ଅଖିଳ ଭାରତ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ଏମଏମଡିଆର ଆଇନ-୨୦୨୬ ର ପ୍ରତ୍ୟାହାର, ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ପ୍ରଭୃତି ଦାବି ନେଇ ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ଏବଂ ଇଣ୍ଡିଆ ବ୍ଲକର ରାଜନୈତି ଦଳ ମାନଙ୍କ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ପ୍ରତିବାଦ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଡିସିସି ସଭାପତି ଶ୍ରୀ ପ୍ରକାଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏକ ବିଶାଳ ପଦଯାତ୍ରା ଇନ୍ଦିରା ଗାନ୍ଧୀ ପାର୍କ ଠାରୁ ବାହାରି ଏଜି ଛକସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ସେଠାରେ ଉପସ୍ଥିତ ନେତୃବୃନ୍ଦ ରାଷ୍ଟ୍ରୀୟ ସଂଗୀତ ଗାନ କରିଥିଲେ। ପରେ ସମ୍ବିଧାନର ୩୨୬ ଧାରା ପାଠ କରାଯାଇଥିଲା ଏବଂ ଭୋଟି ଚୋରି ଘଟଣାରେ କମିଶନର ଜ୍ଞାନେଶ କୁମାରଙ୍କ କୁଶପୁତଳିକ ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇଣ୍ଡିଆ ବ୍ଲକ ରାଜନୈତିକ ଦଳର ନେତୃବୃନ୍ଦ ସର୍ବଶ୍ରୀ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ମନୋରଞ୍ଜନ ଦାଶ, ମହେନ୍ଦ୍ର ପରିଡ଼ା, ସୁରେଶ ପାଣିଗ୍ରାହୀ, ପ୍ରଦୀପ ପ୍ରଧାନ, ସୁର ଜେନା, ଜୟନ୍ତ ଦାସ, ଜ୍ୟୋତି ରଞ୍ଜନ ମହାପାତ୍ର, ଲକ୍ଷ୍ମୀ ଦୋରା, ବିକ୍ରମ ସ୍ୱାଇଁ, ହେମନ୍ତ କୁମାର, ରମାକାନ୍ତ ହାତୀ, ଚିନ୍ମୟ ସୁନ୍ଦର ଦାସ, ରଜନୀ ମହାନ୍ତି, ମିହିର ଆଚାର୍ଯ୍ୟ, ଜୟକୃଷ୍ଣ ସୁବୁଦ୍ଧି, ଲିଙ୍ଗରାଜ ସାହୁ, ଅଜୟ ମହାପାତ୍ର, ସୂର୍ଯ୍ୟକାନ୍ତ ଜେନା, ପ୍ରଶାନ୍ତ ଚମ୍ପତି, ଦେବୀ ପ୍ରସାଦ ସ୍ୱାଇଁ, ସଂଜୟ ମିଶ୍ର, ଆତ୍ମାରାମ ପତି, ପ୍ରଭାତ ପ୍ରତାପ ସିଂ, ମଣ୍ଟୁ ମଲ୍ଲିକ, ଶିବ ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇଥିଲେ।

# ଇଣ୍ଡିଆ ମେଣ୍ଟର ଡାକରାରେ କେନ୍ଦ୍ରାପଡ଼ାରେ ବନ୍ଦର ଆଂଶିକ ପ୍ରଭାବ



କେନ୍ଦ୍ରାପଡା ,୮/୧୦: ଆଜି ତା ୮ ଅକ୍ଟୋବର ରିଖରେ ଇଣ୍ଡିଆ ମେଣ୍ଟ ତରଫରୁ ଓଡ଼ିଶା ବନ୍ଦ ଡାକରା ରେ ବିଭିନ୍ନ ଦାବି କୁ ନେଇ ଯଥା MMDR ସଂଶୋଧିତ ଅଧିନିୟମ କୁ ରଦ୍ଦ, ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଷ୍ କୁମାର ଙ୍କ ବହିଷ୍କାର ଓ ଗିରଫ୍ ଦାରୀ,ଏସ ଆଇ ଆର ପ୍ରତ୍ୟାହାର, ଓଡ଼ିଶା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା। କେନ୍ଦ୍ରାପଡ଼ା ବନ୍ୟା ବିପନ୍ନ ଙ୍କୁ ସରକାରୀ ସହାୟତା ଦାବି ରେ INDIA ମେଣ୍ଟ କେନ୍ଦ୍ରାପଡ଼ା ସହର ର ତିନିମୁହାଣି ମୁଖ୍ୟ ରାସ୍ତା କୁ ବନ୍ଦ କରି ପ୍ରତିବା କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତ୍ରୀ ତଥା ପୂର୍ବତନ ଗଖଇ ସିପ୍ରା ମଲ୍ଲିକ,ଉଚଓଗ ର ନେତା ଗୟାଧର ଧଳ, ରେବତୀ ରମଣ ରାଉତ୍ ପୂର୍ବତନ ବ୍ଲକ ସଭାପତି ଭାଗୀରଥି ଜେନା ସହିତ ସନ୍ତୋଷ ବେହେରା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ତତ୍ୱାବଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶହ ଶହ ଓଘଡଓଇ ମେଣ୍ଟ କର୍ମି ଯୋଗ ଦେଇଥିଲେ।

# ଛାତ୍ର ସଂସଦ ନିର୍ବାଚନ ନେଇ ଜିଲ୍ଲା ପ୍ରଶାସନର ବୈଠକ

ଭଦ୍ରକ: ୮/୧୦: ଭଦ୍ରକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଅନୁଷ୍ଠିତ ହୋଇଛି।ଜିଲ୍ଲାପାଳ ଶ୍ରୀ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବିନାରାୟଣ ସାହୁ, ଉପଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଂଶୁମାନ ଦ୍ୱିବେଦିଙ୍କ ସମେତ ବିଭିନ୍ନ ଅଧିକାରୀ ଯୋଗଦେଇଥିଲେ।

ଏଥିସହ ଜିଲ୍ଲାରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବା ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ, ସମସ୍ତ ଉପଖଣ୍ଡସ୍ତରୀୟ ଆରକ୍ଷୀ ଅଧିକାରୀ ଏବଂ ସମସ୍ତ ଥାନାର ଭାରପ୍ରାପ୍ତ ଅଧିକାରୀମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ନିର୍ବାଚନ ସମୟରେ ଆଇନଶୃଙ୍ଖଳା ବଜାୟ ରଖିବା, ନିର୍ବାଚନ ପ୍ରକ୍ରିୟାକୁ ନିରପେକ୍ଷ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ସହ ମହାବିଦ୍ୟାଳୟ ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ନିର୍ବାଚନକୁ ନେଇ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ଯେପରି ସୃଷ୍ଟି ନହୁଏ, ସେଥିପାଇଁ ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ସମନ୍ୱୟର ସହ କାର୍ଯ୍ୟ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଛାତ୍ର ସଂସଦ ନିର୍ବାଚନକୁ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଶୃଙ୍ଖଳାର ସହ ସଫଳତାର ସହ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଛି।

# ବିସ୍ଥାପିତଙ୍କ ଉଚିତ୍ ଥଇଥାନ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ସହ ନିଯୁକ୍ତିକୁ ଦିଆଯିବ ପ୍ରାଥମିକତା -ଧର୍ମେନ୍ଦ୍ର ପ୍ରଧାନ




ଅନୁଗୋଳ,୮/୧୦ : ଅନୁଗୋଳ ଠାରେ ଜିଲ୍ଲାର ବୃହତ୍ ଶିଳ୍ପ ଓ ଖଣି ପ୍ରକଳ୍ପ ପାଇଁ ରିହାବିଲିଟେସନ ଆଣ୍ଡ୍ ପେରିଫେରି ଡେଭଲପମେଣ୍ଟ ଆଡଭାଇଜରି କମିଟି(ଆରପିଡିଏସି) ର ପୃଥକ ପୃଥକ ବୈଠକ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି ।

ଦୀର୍ଘ ବର୍ଷ ଧରି ଆରପିଡିଏସି ବୈଠକ ଅନୁଷ୍ଠିତ ନହେବା କାରଣରୁ ଅଞ୍ଚଳବାସୀଙ୍କ ଅନେକ ଦାବି ଓ ସମସ୍ୟା ପେଣ୍ଡିଂ ରହିଥିଲା। ଆଜିର ଏହି ନିରନ୍ତର ଆଲୋଚନା ମାଧ୍ୟମରେ ସ୍ଥାନୀୟ ନାଗରିକ ଓ ବିସ୍ଥାପିତ ପରିବାରଙ୍କୁ ନ୍ୟାୟ ଦେବା ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବଡ଼ ଉଦାରତାର ସହ ପଦକ୍ଷେପ ନେଇଛନ୍ତି । ବୈଠକରେ କେପିସିଏଲର ମନ୍ଦାକିନୀ-ଏ କୋଇଲା ଖଣି, ଜିଏମଡିସିର ବୈତରଣୀ ୱେଷ୍ଟ, ନାଲକୋର ଉତ୍କଳ-ଇ ଏବଂ ନାଲକୋର ବ୍ରାଉନ୍ ?ଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ଉପରେ ପୁଙ୍ଖାନୁପୁଙ୍ଖ ଚର୍ଚ୍ଚା ଆଲୋଚନା କରାଯାଇଥିଲା । ବୈଠକରେ କେନ୍ଦ୍ର ସରକାରଙ୍କ ନୂତନ ଜମି ଅଧିଗ୍ରହଣ ଆଇନ (ଖଇଜଜ ଇମଷ୍ଠ) ଅନୁଯାୟୀ ଜମିହରା ଲୋକଙ୍କୁ ଉଚିତ୍ ଆର୍ଥିକ କ୍ଷତିପୂରଣ, ସ୍ଥାନୀୟ ଯୁବକଯୁବତୀଙ୍କୁ ନିଯୁକ୍ତି ଏବଂ ମୌଳିକ ସୁବିଧାସୁଯୋଗ ପ୍ରଦାନ କରିବାକୁ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

ଶ୍ରୀ ପ୍ରଧାନ କହିଛନ୍ତି, ଅଞ୍ଚଳର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ପାଇଁ ନାଲକୋର ସିଏସଆର ପାଣ୍ଠି ସହାୟତାରେ ଅଞ୍ଚଳରେ ଏଲଭି ପ୍ରସାଦ ଜାତୀୟ ସ୍ତରର ଚକ୍ଷୁ ହସ୍ପିଟାଲ ପୁନର୍ବାର କାର୍ଯ୍ୟକ୍ଷମ କରାଯିବ। ଏଥିସହିତ ଘରୋଇ ସ୍କୁଲର ଫି’ ସମସ୍ୟା ସମାଧାନ, ସରସ୍ୱତୀ ଶିଶୁମନ୍ଦିରରେ ସ୍ଥାନୀୟ ପିଲାଙ୍କ ପାଠପଢ଼ା ଏବଂ ଆଖପାଖ ଗାଁଗୁଡ଼ିକରୁ ପିଲାମାନଙ୍କୁ ସ୍କୁଲ୍ ଆଣିବା ପାଇଁ ନାଲକୋ ତରଫରୁ ବସ୍ ବ୍ୟବସ୍ଥା କରିବାକୁ ଆରଡିସି ନିର୍ଦ୍ଦେଶ ଦେଇଛନ୍ତି।

ଗଣତନ୍ତ୍ରରେ ଲୋକଙ୍କ ସମସ୍ୟା ଶୁଣିବା, ସେମାନଙ୍କ ଆଶା-ଆକାଂକ୍ଷାକୁ ପୂରଣ କରିବା ଏବଂ ସେମାନଙ୍କ ହକ୍ ପ୍ରଦାନ କରିବା ଆମ ବ୍ୟବସ୍ଥାର ମୁଖ୍ୟ ଦାୟିତ୍ୱ। ଆମ ପ୍ରଶାସନ ଓ ରାଜ୍ୟ ସରକାର ଜମିହରା ଓ କ୍ଷତିଗ୍ରସ୍ତ ଲୋକଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ସଦାସର୍ବଦା କାର୍ଯ୍ୟ କରିବେ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ।

ଏହି ପୃଥକ ପୃଥକ ବୈଠକରେ ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି, ଅନୁଗୋଳ, ଛେଣ୍ଡିପଦା, ତାଳଚେର ଓ ପାଲଲହଡ଼ା ବିଧାୟକ, ଜିଲ୍ଲାପାଳ ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ଯୋଗଦେଇ କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କ ସମସ୍ୟାର ସମାଧାନ ନେଇ ବିସ୍ତୃତ ଆଲୋଚନା କରିଥିଲେ ।

## ଅନୁଗୋଳ ଠାରେ ‘ସେବା ଜ୍ୟୋତି ଯାତ୍ରା’ରେ ସାମିଲ ହେଲେ ସାଂସଦ

# ପ୍ରଧାନମନ୍ତ୍ରୀଙ୍କ ‘We Will Do It'' ଆତ୍ମବିଶ୍ୱାସ ମନ୍ତ୍ରକୁ ପାଥେୟ କରି ଆଗକୁ ବଢ଼ିବା- ଧର୍ମେନ୍ଦ୍ର ପ୍ରଧାନ



ଅନୁଗୋଳ,୮/୧୦: ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନିରନ୍ତର ୨୫ ବର୍ଷର ନିଷ୍ଠାପର ଜନସେବା, ସୁଶାସନ ଓ ବିକାଶ ପୂର୍ତ୍ତି ଅବସରରେ ଅନୁଗୋଳ ଠାରେ ’ସେବା ଜ୍ୟୋତି ଯାତ୍ରା’ ଓ ’ସେବା ସଙ୍କଳ୍ପ ଅଭିଯାନ’ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ’ସେବା ଜ୍ୟୋତି ସ୍ଥାପନା’ ଉଦ୍ଦେଶ୍ୟରେ ଆୟୋଜିତ ବିଶାଳ ପଦଯାତ୍ରାର ନେତୃତ୍ୱ ନେଇଥିଲେ ।

କାର୍ଯ୍ୟକ୍ରମ ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ ସମଗ୍ର ଦେଶବାସୀଙ୍କୁ ସମ୍ବୋଧନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଏହି ସମ୍ବୋଧନକୁ ଶୁଣିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ, ୨୦୦୧ ମସିହା ଅକ୍ଟୋବର ୭ ତାରିଖରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ମୋଦୀଜୀ ଯେଉଁ ’ସେବା ଯାତ୍ରା’ ଆରମ୍ଭ କରିଥିଲେ, ତାହା ଆଜି ସାରା ଦେଶକୁ ବିକାଶର ଏକ ନୂଆ ଦିଶା ଦେଖାଇଛି । ଦେଶବାସୀଙ୍କ ବିଶ୍ୱାସ ଓ ନିଷ୍ଠା ହିଁ ପ୍ରଧାନମନ୍ତ୍ରୀଙ୍କ ସବୁଠାରୁ ବଡ଼ ଶକ୍ତି । କେବଳ ବ୍ୟକ୍ତିଗତ ପଦବୀ ନୁହେଁ, ବରଂ ’ରାଷ୍ଟ୍ର ପ୍ରଥମ’ ଓ ମିଶନ ଭାବନାକୁ ନେଇ କାର୍ଯ୍ୟ କରିବା ଦ୍ୱାରା ହିଁ ଆଜି ଭାରତ ବିଶ୍ୱ ଦରବାରରେ ଏକ ଆତ୍ମନିର୍ଭର ଓ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଉଭା ହୋଇପାରିଛି ।

ମାନନୀୟ ପ୍ରଧାନମନ୍ତ୍ରୀ ଆଜି ଦେଶବାସୀଙ୍କୁ ‘ଡର ଡସକ୍ଷକ୍ଷ ଡକ୍ଟ ଓସ୍ପ’ ର ନୂଆ ଆତ୍ମବିଶ୍ୱାସ ମନ୍ତ୍ର ଦେଇଛନ୍ତି । ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ, ପ୍ରଯୁକ୍ତିବିଦ୍ୟା ଓ ସମସ୍ତ କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିବା ଆମ ସମସ୍ତଙ୍କର ସାମୂହିକ ସଂକଳ୍ପ । ଏହି ପ୍ରେରଣାଦାୟୀ ବାର୍ତ୍ତା ପ୍ରତ୍ୟେକ ଭାରତୀୟଙ୍କ ମନରେ ନୂତନ ଉତ୍ସାହ ଭରିଛି । ଆଦରଣୀୟ ପ୍ରଧାନମନ୍ତ୍ରୀ ଜନସେବା ଓ ସୁଶାସନର ୨୫ ବର୍ଷ ପୂରଣ କରିବା ଆମ ସମସ୍ତ ଭାରତୀୟଙ୍କ ପାଇଁ ଗର୍ବର ବିଷୟ । ପ୍ରଧାନମନ୍ତ୍ରୀଙ୍କ ‘ସେବା ମନ୍ତ୍ର’ ଓ ’ସ୍ୱଦେଶୀ’ ଭାବନାକୁ ଆପଣେଇ ଆମକୁ ’ବିକଶିତ ଓଡ଼ିଶା’ ଏବଂ ’ବିକଶିତ ଭାରତ’ର ସ୍ୱପ୍ନକୁ ସାକାର କରିବାକୁ ହେବ । ଏହି ଅବସରରେ ଶ୍ରୀ ପ୍ରଧାନ ମହାପ୍ରଭୁ ଓ ମାଆ ସମଲେଇଙ୍କ ପାଖରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଛନ୍ତି ।

ଏହି ଯାତ୍ରାର ଏକ ମୁଖ୍ୟ ଅଂଶ ଭାବେ ଅନୁଗୋଳ ଠାରେ ଆୟୋଜିତ ’ସେବା ଜ୍ୟୋତି ପ୍ରଜ୍ୱଳନ’ ଏବଂ ’ସେବା ଜ୍ୟୋତି ସ୍ଥାପନା’ ପଦଯାତ୍ରାରେ ଶ୍ରୀ ପ୍ରଧାନ ଶ୍ରଦ୍ଧା ଓ ଉତ୍ସାହର ସହ ସାମିଲ ହୋଇଥିଲେ । ଏହି ପଦଯାତ୍ରା କେବଳ ଏକ ଚାଲିବା କାର୍ଯ୍ୟକ୍ରମ ନୁହେଁ, ବରଂ ଜନଭାଗୀଦାରୀ ଓ ରାଷ୍ଟ୍ର ନିର୍ମାଣର ଏକ ଶକ୍ତିଶାଳୀ ସଂକଳ୍ପ ବୋଲି ସେ କହିଛନ୍ତି ।

’ସେବା ସଙ୍କଳ୍ପ ଅଭିଯାନ’ ଅନ୍ତର୍ଗତ ଶ୍ରୀ ପ୍ରଧାନ ଅନୁଗୋଳ ଜିଲ୍ଲା ତୁରଙ୍ଗ ସ୍ଥିତ ଅଙ୍ଗନୱାଡ଼ି(ଖ) କେନ୍ଦ୍ର ପରିଦର୍ଶନ କରିବା ସହ ଶିଶୁ, ଅଙ୍ଗନୱାଡ଼ି, ଆଶା କର୍ମୀ ଏବଂ ହିତାଧିକାରୀଙ୍କ ସହ ସମୟ ଅତିବାହିତ କରିଥିଲେ । ସେଠାରେ ଶିଶୁ ସୁରକ୍ଷା, ମାତୃ କଲ୍ୟାଣ, ସ୍ୱଚ୍ଛତା ଓ ନିଶା ନିବାରଣ ପାଇଁ ସାମୂହିକ ଶପଥ ଗ୍ରହଣ କରାଯାଇଥିଲା। ଶ୍ରୀ ପ୍ରଧାନ କହିଛନ୍ତି ଯେ, ସରକାରୀ ଯୋଜନା ସହ ସମାଜର ଆନ୍ତରିକ ସହଯୋଗ ମିଶିଲେ ହିଁ ଆମ ଶିଶୁମାନଙ୍କ ସଠିକ୍ ପୋଷଣ, ଉତ୍ତମ ଯତ୍ନ ଓ ଉଜ୍ଜ୍ୱଳ ଭବିଷ୍ୟତ ନିଶ୍ଚିତ ହୋଇପାରିବ। ଆମର ଆଗାମୀ ପିଢ଼ି ହିଁ ୨୦୩୬ ’ବିକଶିତ ଓଡ଼ିଶା’ ଓ ୨୦୪୭ ’ବିକଶିତ ଭାରତ’ର ପ୍ରକୃତ ମୂଳଦୁଆ। ଡବଲ ଇଞ୍ଜିନ ସରକାର ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ମାତୃ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ।

# ଆଠମଲ୍ଲିକ ରେ ବନ୍ଦ ପାଳନ ଶାନ୍ତି ଶୃଙ୍ଖଳା ସହ ସଫଳ




ଆଠମଲ୍ଲିକ ୦୮/୧୦ (ପ୍ରତିଶବ୍ଦ ନ୍ୟୁଜ )-: ଇଣ୍ଡିଆ ବ୍ଲକ ଡାକରା ରେ ପ୍ରଦେଶ କଂଗ୍ରେସ କମିଟି ତରଫରୁ ଓଡିଶା ବନ୍ଦ ପାଳନ ଅବସରରେ ଆଠମଲ୍ଲିକ ରେ ମଧ ଶାନ୍ତି ଶୃଙ୍ଖଳା ର ସହିତ ବନ୍ଦ ପାଳନ ହୋଇଥିଲା । ଇଣ୍ଡିଆ ବ୍ଲକ ଏମ ଏମ ଡ଼ି ଆର ସଂଶୋଧନ ଆଇନ କୁ ପ୍ରତ୍ୟାହାର କରିବା,ନିର୍ବାଚନ କମିଶନର ଜ୍ଞାନେଶ କୁମାର ଙ୍କ ଇସ୍ତଫା, ବନ୍ୟା ବିପନ୍ନ ଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବା ଦାବୀ କରି ନଗର କଂଗ୍ରେସ ସଭାପତି ଇଂ କମଳାକାନ୍ତ ପ୍ରଧାନ ଙ୍କ ନେତୃତ୍ୱ ରେ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ଏକତ୍ରିତ ହୋଇ ସହର ରେ ପିକେଟିଂ କରିଥିଲେ । ଯାତ୍ରୀ ବାହୀ ବସ, ଚାରି ଚକିଆ ଯାନ, ଓଟୋ, ଦୋକାନ ବଜାର, ଦୈନିକ ହାଟ, ଶିକ୍ଷାନୁଷ୍ଠାନ ଓ ବ୍ୟାଙ୍କ ବନ୍ଦ ରହିଥିଲା କ୍ଷ ଆଠମଲ୍ଲିକ ବନ୍ଦ ଫଳରେ ସହର ସମ୍ପୂର୍ଣ୍ଣ ଭାବେ ଖାଁ ଖାଁ ଲାଗି ଥିଲା । ବନ୍ଦ ପାଳନ ସମୟ ରେ ନଗର କଂଗ୍ରେସ ସଭାପତି ଶ୍ରୀ ପ୍ରଧାନ ଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ରାମାନନ୍ଦ ପାଣିଗ୍ରାହୀ,ଅଜିତ ମହାନ୍ତି, ସୁନିଲ ପ୍ରଧାନ, ସୁନିଲ ଶାସନୀ,ସ୍ୱଦେଶ ରଥ, ଜୟଲାଲ ବିଶ୍ୱାଳ, ଅନିଲ ପାଣିଗ୍ରାହୀ, ମନୋଜ ପ୍ରଧାନ ,ପ୍ରଦୀପ୍ତ ପ୍ରଧାନ,ସିନ୍ଧୁ ଦେହୁରୀ, ସରୋଜ ମହାକୁଡ଼, ନିରଞ୍ଜନ କଅଁର, ସୁରଜ ମହାପାତ୍ର, ସାଗର ବେହେରା, ନଫିଲ ଖାଁ, ଶୀତେଶ ରଥ (ବୁନା ), ସର୍ଜୁ ସିଂ ସାମନ୍ତ, କୁଶଧ୍ୱଜ ପ୍ରଧାନ,କନ୍ଦର୍ପ ବିଶ୍ୱାଳ, ଭବାନୀ କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଭାବରେ ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମାଧପୁର ଅଞ୍ଚଳ ରେ ବରିଷ୍ଠ କଂଗ୍ରେସ ନେତା ହିମାଂଶୁ ଶେଖର ଚାଉଳିଆ ଙ୍କ ନେତୃତ୍ୱ ରେ ବହୁ କଂଗ୍ରେସ ରେ ବନ୍ଦ ପାଳନ ରେ ସାମିଲ ହୋଇଥିଲେ କ୍ଷ ସେହିପରି ଭାବରେ ବ୍ଲକ ପ୍ରେସିଡେଣ୍ଟ ସୁରେନ୍ଦ୍ର ସାହୁ, ଜୋନ ପ୍ରେସିଡେଣ୍ଟ ଫକୀର ନାୟକ ଙ୍କ ନେତୃତ୍ୱ ରେ କିଆ କଟା ବଜାର ବନ୍ଦ ହୋଇଥିଲା ।

# ସିସିଟିଭି ଟେଣ୍ଡରରେ ଓକାକ କରିଛି ମହା ଦୁର୍ନୀତି ଅଭିଯୋଗ ଆଣିଲା କଳିଙ୍ଗସେନା



ଭୁବନେଶ୍ୱର,୮/୧୦ :ରାଜ୍ୟର ଚାରିଟି ପ୍ରମୁଖ ବିଶ୍ୱବିଦ୍ୟାଳୟ ବାଣୀବିହାର, ରମାଦେବୀ, ମାଣିକେଶ୍ୱରୀ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସିସିଟିଭି ଲଗାଇବାପାଇଁ ଓକାକ ଯେଉଁ ଟେଣ୍ଡର ଜାରି କରିଥିଲା ସେଥିରେ ବଡ ଧରଣର ଦୁର୍ନୀତି ହୋଇଛି । ଗୋଟିଏ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଟେଣ୍ଡର ଦେବାପାଇଁ ଶେଷ ମୂହୂର୍ତ୍ତରେ ବୈଷିୟକ ସଂଶୋଧନ ସହିତ ଟେଣ୍ଡରର ଦରକୁ ପାଖାପାଖି ଦୁଇଗୁଣ କରିଦିଆଯାଇଥିବାର ଅଭିଯୋଗ ଆଣିଛି କଳିଙ୍ଗ ସେନା ।

ଆଜି ଏଠାରେ ସାମ୍ବାଦିକମାନଙ୍କୁ ସେନା ସୁପ୍ରିମୋ ହେମନ୍ତ ରଥ କହିଛନ୍ତି ଯେ ରାଜ୍ୟର ଚାରି ବିଶ୍ୱବିଦ୍ୟାଳୟରେ ସିସିଟିଭି ଲଗାଇବାପାଇଁ ଉଚ୍ଚଶିକ୍ଷା ବିଭାଗ ପଦକ୍ଷେପ ଗ୍ରହଣ କରିବାପରେ ଏହି କାର୍ଯ୍ୟ ଆଇଟି ବିଭାଗ ଅଧିନରେ ଥିବା ଓକାକ୍‌କୁ ଦିଆଯାଇଥିଲା । ଓକାକ୍ ? ଗୋଟିଏ ବୈଷୟିକ ଅନୁଷ୍ଠାନ ହୋଇଥିବାରୁ ଏହି କାର୍ଯ୍ୟ ଦିଆଯାଇଥିଲା । ଚାରି ଶିକ୍ଷାନୁଷ୍ଠାନରେ ପ୍ରାୟ ୨୪ କୋଟି ଟଙ୍କା ବ୍ୟୟରେ ସିସିଟିଭି ଲଗାଇବାପାଇଁ ଟେଣ୍ଡର ହୋଇଥିଲା । ତେବେ ଅତି ଚତୁରତାର ସହ ଟେଣ୍ଡରର ସର୍ତ୍ତାବଳୀରେ ଏଥିରେ ପରିବର୍ତ୍ତନର ଓ ଦର ନିର୍ଦ୍ଧାରଣର କ୍ଷମତା କର୍ତ୍ତୃପକ୍ଷ ନିଜ ପାଖରେ ରଖିଥିଲେ । ଦୁର୍ନୀତି କରିବାକୁ ଜାଣିଶୁଣି ଏଭଳି ଗଳାବାଟ ହୋଇଥିଲା ।

ଉଚ୍ଚଶିକ୍ଷା ବିଭାଗ, ଆଇଟି ବିଭାଗ ଓ ଓକାକର କିଛି ଅସାଧୁ ଅଧିକାରୀ ମିଶି ଗୋଟିଏ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଟେଣ୍ଡର ଦେବାପାଇଁ ରଚିଥିବା ଷଡଯନ୍ତ୍ରରେ ଏକ ପ୍ରକାର ସଫଳ ହୋଇଛନ୍ତି । ଶେଷ ମୂହୂର୍ତ୍ତରେ ଟେଣ୍ଡରର ବୈଷୟିକ ସର୍ତ୍ତାବଳୀରେ କିଛି ପରିବର୍ତ୍ତନ କରାଯିବା ସହିତ ଟେଣ୍ଡର ଦରକୁ ୪୭ କୋଟି ଟଙ୍କାକୁ ବଢାଇ ଦେଇଥିବାର ଅଭିଯୋଗ କରିଛି କଳିଙ୍ଗସେନା । ବର୍ତ୍ତମାନ ଯେଉଁ ଗୋଟିଏ ସଂସ୍ଥାକୁ କାମ ଦେବାପାଇଁ ଏହି ଷଡଯନ୍ତ୍ର ହୋଇଛି ତାହା ଉପରେ ଦଳ ନଜର ରଖିଥିବାବେଳେ ଖୁବ୍ ?ଶୀଘ୍ର ଏହାର ସୂଚନା ପ୍ରଦାନ କରାଯିବ । ଏଥି ସହିତ ଏହି ଚାରି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମଧ ଏ ସଂକ୍ରାନ୍ତରେ ଅବଗତ କରାଯିବ ବୋଲି ଶ୍ରୀ ରଥ ଗଣମାଧମକୁ କହିଛନ୍ତି । ଅନ୍ୟ ମାନଙ୍କ ମଧରେ ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଅଶୋକ ସାହୁ,ମୋନାଲିଶ ବିଶ୍ୱଳ, ରୁନୁ ସାହୁ, ଏବଂ ମଧୁସୂଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ୯୪ ତମ ବାୟୁସେନା ଦିବସ ପାଳିତ




କେନ୍ଦ୍ରାପଡା ,୮/୧୦: କେନ୍ଦ୍ରାପଡା ଜିଲ୍ଲାର ପୂର୍ବତନ ସୈନିକ ସଂଘ ୦୮ ଅକ୍ଟୋବର କୁ ୯୪ ତମ ବାୟୁସେନା ଦିବସ ତିନିମୁହାଣ ସ୍ଥିତ ଅମର ଯବାନ ସହିଦ ସ୍ତମ୍ଭ ସ୍ମାରକ ରେ ଅଧକ୍ଷ କ୍ୟାପଟେନ ଅଭୟ କୁମାର ଲେଙ୍କାଙ୍କ ନେତୃତ୍ୱ ରେ ପାଳନ କରାଯାଇ ଥିଲା । ଅଧକ୍ଷ ମହୋଦୟ ଦୀପକ ପ୍ରଜ୍ୱଳନ ଏବଂ ପୁଷ୍ପ ଚକ୍ର (ରିତ) ଅର୍ପଣ କରିଥିଲେ । ଅମର ଯବାନ ମାନଙ୍କ ଉଦ୍ଦେଶ୍ୟରେ ସମସ୍ତ ସଦସ୍ୟ ସାମୁହିକ ସାଲୁୟଟ ପ୍ରଦାନ କରିଥିଲେ । ରାଷ୍ଟ୍ରଗାନ ଏବଂ ରାଷ୍ଟ୍ରଗିତ ସାମୁହିକ ଗାନ କରି ଭାରତ ମାତାର ଜୟ, ବନ୍ଦେ ମାତରମ୍, ସହିଦ ଯବାନ ଅମର ରହେ ର ଉଦଘୋଷ କରାଯାଇ ଥିଲା ।

ଅଧକ୍ଷ ଏବଂ ଏମ.ଡବ୍ଲୁ.ଓ ଶତ୍ରୁଘ୍ନ ଓଝା କେକ୍ କାଟି ଥିଲେ । ସମସ୍ତଙ୍କର ଗହଣରେ ବାୟୁସେନା ଦିବସ ସେଲିବ୍ରେସନ କରାଯାଇ ଥିଲା । ସମସ୍ତଙ୍କୁ କେକ୍ ବଣ୍ଟନ କରାଯାଇ ଥିଲା ।

୦୮ ଅକ୍ଟୋବର ୧୯୩୨ ମସିହାରେ ଆମ ଦେଶରେ ବାୟୁସେନାର ପ୍ରତିଷ୍ଠା ହୋଇଥିଲା । ଏହି ପ୍ରତିଷ୍ଠା ଦିବସ ରେ ବାୟୁସେନାର ବାୟୁ ବୀର ମାନଙ୍କୁ ମନେ ପକାଇବା ପାଇଁ ପୁରା ଦେଶରେ ବାୟୁସେନା ଦିବସ ପାଳନ କରାଯାଇ ଥାଏ।

ପୂର୍ବତନ ସୈନିକ ସଂଘ କେନ୍ଦ୍ରାପଡା ଜିଲ୍ଲାର ଅଧକ୍ଷ, ଏବଂ ସାଧାରଣ ସମ୍ପାଦକ .ସୁବେଦାର ମେଜର ବୀରବର ପାତ୍ର ସଙ୍ଗଠନ ତରଫରୁ ବାୟୁସେନାର ବାୟୁବୀର ସଦସ୍ୟ ମାନଙ୍କୁ ସ୍ୱାଗତ ଏବଂ ଅଭିନନ୍ଦନ ଜ୍ଞାପନ କରିଥିଲେ ।

କାର୍ଯ୍ୟକ୍ରମ ରେ ସଙ୍ଗଠନ ରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ସଦସ୍ୟ ମାନଙ୍କୁ ଅଧକ୍ଷ ଉତ୍ତରି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସେମାନେ ହେଲେ
ସୁବେଦାର ମେଜର ଜୟନ୍ତ କୁମାର ସାହୁ, ଏମ.ଡବ୍ଲୁ.ଓ ମନୋଜ କୁମାର ବାରିକ, ଏମ.ଡବ୍ଲୁ.ଓ ମନୋଜ କୁମାର ବାରିକ ଭାଇଙ୍କ ଧର୍ମ ପତ୍ନୀ ଶ୍ରୀମତୀ ଶଶିକଳା ବାରିକ,ସୁବେଦାର ରାଜକିଶୋର ସ୍ୱାଇଁ, ହାବିଲଦାର ସୁଶାନ୍ତ କୁମାର ନାୟକ, ନାଏବ ସୁବେଦାର ହରେକୃଷ୍ଣ ସାମଲ, ସୁବେଦାର ମେଜର ବିଚିତ୍ର କୁମାର ନାୟକ ଏବଂ ସୁବେଦାର ମେଜର ପ୍ରଦୀପ କୁମାର ଦାସ ପ୍ରମୁଖ ଥିଲେ ।

ବାୟୁସେନାର ବାୟୁବୀର ମାନେ ମଧ ସମସ୍ତ ସଦସ୍ୟ ମାନଙ୍କୁ ଏକ ଗୋଲାପ ଫୁଲ୍ଲ ଏବଂ ଏକ କଲମ ସମସ୍ତ ସଦସ୍ୟ ମାନଙ୍କୁ ଏବଂ ଉପସ୍ଥିତ ସମାଜ ସେବୀ ମାନଙ୍କୁ ଗିଫ୍ଟ ପ୍ରଦାନ କରିଥିଲେ ।

ବାୟୁସେନା ବିଗତ ବର୍ଷ ମାନଙ୍କ ରେ କିପର ଅସାଧାରଣ କାର୍ଯ୍ୟ କରିଛି ସେ ବିଷୟ ରେ କ୍ୟାପଟେନ ବାନାମ୍ବର ସ୍ୱାଇଁ ଏବଂ ଏମ.ଡବ୍ଲୁ.ଓ ମନୋଜ କୁମାର ବାରିକ ପ୍ରକାଶ ଢାଳିଥିଲେ ।

ସେଷରେ ସମସ୍ତଙ୍କୁ ମିଠା ଏବଂ ଲଡୁ ବଣ୍ଟନ କରାଯାଇ ଚା ଏବଂ ଜଳପାନ ପାଇଁ ପ୍ରସ୍ଥାନ କରିଥିଲେ ।

ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ପୂର୍ବ ବରିଷ୍ଟ ସଲାହାକାର ମହେଶ୍ୱର କର, ହାବିଲଦାର ପ୍ରଫୁଲ୍ଲ କୁମାର ଉପାଧ୍ୟାୟ, ସୁବେଦାର ମେଜର ଗୌରାଙ୍ଗ ଚରଣ ସ୍ୱାଇଁ, ନାଏବ ସୁବେଦାର ଅର୍ଜ୍ଜୁନ କୁମାର ମୁଦୁଲି, ନାଏକ ଶକ୍ତିକାନ୍ତ ସ୍ୱାଇଁ, ଯେ.ଡବ୍ଲୁ.ଓ. ତୁଷାରକାନ୍ତ ମହାପାତ୍ର, ଏସ.ଜି.ଟି କୃଷ୍ଣ ଚନ୍ଦ୍ର ରାଉତ, ଭେଟେରାନ ଦିପକ କୁମାର ପତି, ଏସ.ଜି.ଟି. ଭାଗବତ ପ୍ରସାଦ ନାୟକ, ଏସ.ଜି.ଟି. ଜିତେନ୍ଦ୍ର କୁମାର ପଣ୍ଡା, ଭେଟେରାନ ସନ୍ତୋଷ କୁମାର ପରିଡା, ଯେ.ଡବ୍ଲୁ.ଓ ଅକ୍ଷୟ କୁମାର ସାହୁ, ଭେଟେରାନ ରାଜ କିଶୋର ସ୍ୱାଇଁ, ଏସ.ଜି.ଟି.ପ୍ରସାନ୍ତ କୁମାର ଜେନା ଏବଂ ସମାଜ ସେବି ରଣଜିତ ସିଂହ ଏବଂ ଅନ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ କୁ ସଞ୍ଚାଳନ କରିଥିଲେ ସୁବେଦାର ମେଜର ପ୍ରଦିପ କୁମାର ସାହୁ ।

# ଏମ୍ଏମ୍‌ଡିଆର ସଂଶୋଧନ ଆଇନ ବିରୋଧରେ ସୁନ୍ଦରଗଡରେ ବିଜେଡିର ବିଶାଳ ପ୍ରତିବାଦ



ସୁନ୍ଦରଗଡ, ୮/୧୦:ଏମ୍ଏମ୍‌ଡିଆର ସଂଶୋଧନ ଆଇନକୁ ବିରୋଧ କରିବା ସହ ଓଡିଶାର ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାର ଓ ଆର୍ଥିକ ସ୍ୱାୟତ୍ତତାକୁ ଦୁର୍ବଳ କରିବାର ପ୍ରୟାସ ବିରୋଧରେ ବିଜୁ ଜନତା ଦଳ ପକ୍ଷରୁ ଆଜି ସୁନ୍ଦରଗଡରେ ଏକ ବିଶାଳ ପ୍ରତିବାଦ ପ୍ରଦର୍ଶନ ଓ ଆର୍ଥିକ ଅବରୋଧ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ବିଜେଡି ନେତା ଓ କର୍ମୀମାନେ ଭାରତରତ୍ନ ଡ. ବି. ଆର୍. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ଏକ ବିଶାଳ ରାଲି ଆୟୋଜିତ ହୋଇ ବସୁନ୍ଧରା ଦୁର୍ଗା ମଣ୍ଡପ ସମ୍ମୁଖସ୍ଥ ପଡିଆରେ ପହଞ୍ଚିଥିଲା, ଯେଉଁଠାରେ ସୁନ୍ଦରଗଡ ବିଧାୟକ ତଥା ଜିଲ୍ଲା ସଭାପତି ଶ୍ରୀ ଯୋଗେଶ ସିଂହଙ୍କ ନେତୃତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।

ଏହି ରାଲି ଓ ସାଧାରଣ ସଭାରେ ପ୍ରାୟ ୩,୦୦୦ରୁ ୪,୦୦୦ ବିଜେଡି କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ । ରତ୍ନଗର୍ଭା ଓଡିଶା ଦେଶର ଆର୍ଥିକ ଓ ଶିଳ୍ପ ବିକାଶରେ ଏକ ବଡ ଭୂମିକା ନିଭାଇ ଆସିଛି । କିନ୍ତୁ ଖଣିଜ ସମ୍ପଦ ଥିବା ଜିଲ୍ଲାଗୁଡିକର ଲୋକମାନେ ଖଣି ଖନନ ସହ ଜଡିତ ପରିବେଶଗତ, ସାମାଜିକ ଓ ଆର୍ଥିକ ପରିଣାମର ସମ୍ମୁଖୀନ ହୋଇଆସିଛନ୍ତି । ବିସ୍ଥାପନ, ପ୍ରଦୂଷଣ, ଜଙ୍ଗଲ ଓ କୃଷି ଜମିର ଅବକ୍ଷୟ ଏବଂ ପାରମ୍ପରିକ ଜୀବିକାରେ ବାଧା ସୃଷ୍ଟି ହେଉଥିବା ସମସ୍ୟା ରହିଛି । ଏମଏମଡିଆର ସଂଶୋଧନ ଆଇନ ଯୋଗୁଁ ଖଣିଜ ସମ୍ପଦ ଥିବା ଜମି ଉପରେ ରାଜ୍ୟ ସରକାରଙ୍କ ଟିକସ, ସେସ୍ କିମ୍ବା ଶୁଳ୍କ ଲାଗୁ କରିବାର କ୍ଷମତା ଉପରେ ପ୍ରତିବନ୍ଧକ ଲଗାଯାଇଥିବାରୁ, ଏହାର ବିରୋଧ କରାଯାଉଛି । ମାନ୍ୟବର ସୁପ୍ରିମକୋର୍ଟ ୨୦୨୪ ମସିହାରେ ଦେଇଥିବା ଏକ ରାୟରେ ଖଣିଜ ସମ୍ପଦ ଥିବା ଜମି ଉପରେ ଟିକସ ଲାଗୁ କରିବା ସମ୍ପର୍କରେ ରାଜ୍ୟ ସରକାରଙ୍କ କ୍ଷମତା ବିଷୟରେ ବିଚାର କରାଯାଇଥିଲା । ଓଡିଶାର ଆର୍ଥିକ ସ୍ୱାର୍ଥ ଓ ସାମ୍ବିଧାନିକ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ଖଣିଜ ସମ୍ପଦ ସମ୍ପର୍କିତ ଯେକୌଣସି ଜାତୀୟ ନୀତି କାର୍ଯ୍ୟକାରୀ କରିବା ସମୟରେ ଏଥିପ୍ରତି ଦୃଷ୍ଟି ଦିଆଯାଉ ।

ସୁନ୍ଦରଗଡ ଏକ ଖଣି ସମୃଦ୍ଧ ଜିଲ୍ଲା ଏବଂ ଏଠାରେ ବହୁ ସଂଖ୍ୟକ ଆଦିବାସୀ ବସବାସ କରନ୍ତି । ପ୍ରାକୃତିକ ସମ୍ପଦର ସ୍ଥାୟୀ ଓ ସୁଚିନ୍ତିତ ପରିଚାଳନାରେ ଏହି ଜିଲ୍ଲାର ସିଧାସଳଖ ସ୍ୱାର୍ଥ ରହିଛି । ଓଡିଶାର ଖଣିଜ ସମ୍ପଦରୁ ମିଳୁଥିବା ରାଜସ୍ୱ ଖଣି ପ୍ରଭାବିତ ଅଞ୍ଚଳର ବିକାଶରେ ଯଥେଷ୍ଟ ଭାବେ ବ୍ୟୟ କରାଯିବା ଉଚିତ । କାରଣ ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ସଡକ, ଜଳସେଚନ, ପାନୀୟ ଜଳ, ନିଯୁକ୍ତି, ପରିବେଶ ପୁନରୁଦ୍ଧାର, ଥଇଥାନ ଏବଂ ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମି ସୁଦୃ? ହୋଇପାରିବ । ଖଣିଜ ସମ୍ପଦ ଥିବା ରାଜ୍ୟଗୁଡିକର ଆର୍ଥିକ କ୍ଷମତାକୁ ସୀମିତ କରିପାରୁଥିବା ବ୍ୟବସ୍ଥା ଗୁଡିକର ସମୀକ୍ଷା କରାଯିବା ସହ ଖଣିଜ ସମ୍ପଦରୁ ମିଳୁଥିବା ରାଜସ୍ୱକୁ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ ସୁରକ୍ଷିତ ରଖାଯିବା ଉଚିତ । ଓଡିଶାର ଖଣିଜ ସମ୍ପଦ ଜାତୀୟ ସମ୍ପଦ ହୋଇଥିଲେ ମଧ୍ୟ ଏହି ସମ୍ପଦରୁ ମିଳୁଥିବା ଲାଭ ଓଡିଶାବାସୀଙ୍କୁ ମିଳିବା ଆବଶ୍ୟକ ।

ବିଜେଡି ନେତାମାନେ ଏମ୍ଏମ୍‌ଡିଆର ଖଣିଜ ଅଧିକାର ଓ ଖଣିଜ ବହୁଳ ଜମି ସମ୍ପର୍କରେ ରାଜ୍ୟ ସରକାରଙ୍କ ଟିକସ, ସେସ୍ ଏବଂ ଅନ୍ୟାନ୍ୟ ବୈଧ ଶୁଳ୍କ ଆଦାୟ କରିବାର କ୍ଷମତାକୁ ସୀମିତ କରିବାକୁ ଉଦ୍ଦିଷ୍ଟ ବ୍ୟବସ୍ଥାଗୁଡିକୁ ଦଳ ଦୃ? ବିରୋଧ କରିଥିଲା । ଏପରି ବ୍ୟବସ୍ଥା ଓଡିଶାର ଆର୍ଥିକ ସ୍ୱାୟତ୍ତତା ଓ ସହଯୋଗୀ ସଂଘୀୟ ବ୍ୟବସ୍ଥାର ନୀତି ଉପରେ ଗୁରୁତର ପ୍ରଭାବ ପକାଇବ ବୋଲି ଦଳ କହିଥିଲା । ଓଡିଶା ଦେଶର ଅନ୍ୟତମ ପ୍ରମୁଖ ଖଣିଜ ଉତ୍ପାଦନକାରୀ ରାଜ୍ୟ ଏବଂ ନିଜ ଖଣିଜ ସମ୍ପଦ ଉପରେ ରାଜ୍ୟର ବୈଧ ଆର୍ଥିକ ଅଧିକାରରୁ ଓଡିଶାକୁ ବଞ୍ଚିତ କରାଯିବା ଉଚିତ ନୁହେଁ । ସେମାନେ ଆହୁରି କହିଥିଲେ ଯେ ଓଡିଶାର ଖଣିଜ ସମ୍ପଦ ଏହାର ଲୋକଙ୍କର ଏବଂ ସୁନ୍ଦରଗଡ ଭଳି ଖଣିଜ ସମୃଦ୍ଧ ଜିଲ୍ଲାଗୁଡିକର ସ୍ୱାର୍ଥ ସୁରକ୍ଷିତ ହେବା ଆବଶ୍ୟକ ।

## ରାସାୟନିକ ଦୁର୍ଘଟଣା ମୁକାବିଲା ପାଇଁ ପ୍ରସ୍ତୁତି- ସମନ୍ୱୟ ଓ ତ୍ୱରିତ ପଦକ୍ଷେପକୁ ଗୁରୁତ୍ୱ

# ପୂର୍ବ ପ୍ରସ୍ତୁତି ସହ ଜନସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା: ଅନୁ ଗର୍ଗ



ଭୁବନେଶ୍ୱର,୮/୧୦: ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ରାସାୟନିକ ଦୁର୍ଘଟଣାର ପ୍ରତିରୋଧ, ପ୍ରସ୍ତୁତି, ତ୍ୱରିତ ମୁକାବିଲା ଓ ଦୁର୍ଘଟଣା ପରବର୍ତ୍ତୀ ପରିଚାଳନାକୁ ଅଧିକ ସୁଦୃଢ଼ କରିବା ନେଇ ଲୋକସେବା ଭବନଠାରେ ରାଜ୍ୟ ସଙ୍କଟ ଗୋଷ୍ଠୀ (ଷ୍ଟେଟ କ୍ରାଇସେସ ଗ୍ରୁପ୍)ର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ରାସାୟନିକ ଦୁର୍ଘଟଣା ସମୟରେ ଜନଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୂର୍ବ ପ୍ରସ୍ତୁତି, ତ୍ୱରିତ ପ୍ରତିକ୍ରିୟା ଓ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ ।

ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ କହିଥିଲେ ଯେ ଶିଳ୍ପ ବିକାଶ ସହିତ ସୁରକ୍ଷା ବ୍ୟବସ୍ଥାର ମଧ ସମାନ ଗୁରୁତ୍ୱ ରହିଛି । ସମ୍ଭାବ୍ୟ ବିପଦକୁ ପୂର୍ବରୁ ଚିହ୍ନଟ କରି ଜିଲ୍ଲା ଓ ସ୍ଥାନୀୟସ୍ତରର ଜରୁରୀକାଳୀନ ଯୋଜନା, ନିୟମିତ ମକ୍ ଡ୍ରିଲ୍, ସୁରକ୍ଷା ଅଡିଟ୍ ଓ ତଥ୍ୟଭିତ୍ତିକ ଆକଳନକୁ ଅଧିକ ପ୍ରଭାବଶାଳୀ କରାଯିବା ଆବଶ୍ୟକ । ବିଭିନ୍ନ ବିଭାଗ ଓ ସଂସ୍ଥା ମଧ୍ୟରେ ନିରନ୍ତର ସମନ୍ୱୟ ରଖି ଜରୁରୀ ପରିସ୍ଥିତିରେ ତ୍ୱରିତ ଓ ସଫଳ ମୁକାବିଲା କରିବାକୁ ସେ ପରାମର୍ଶ ଦେଇଥିଲେ ।

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂହ ବିଭାଗୀୟ ଓ ଜିଲ୍ଲାସ୍ତରୀୟ ପ୍ରସ୍ତୁତିକୁ ଏକ ସମନ୍ୱିତ ବ୍ୟବସ୍ଥା ଅଧୀନରେ ଆଣିବା ଉପରେ ଗୁରୁତ୍ୱ ଦେଇଥିଲେ । ବିପଦ ସମ୍ପର୍କିତ ତଥ୍ୟର ନିୟମିତ ଯାଞ୍ଚ, ଜିଲ୍ଲାରେ ଶିଳ୍ପ ସଂସ୍ଥା ବା କାରଖାନା ଠାରୁ ଦୂରରେ ଦ୍ରବ୍ୟ ପରିବହନ କରୁଥିବା ଯାନ ବା ସେଭଳି କ୍ଷେତ୍ରରେ ଦୁର୍ଘଟଣା ଘଟିଲେ ଅଫ୍-ସାଇଟ୍ ଜରୁରୀକାଳୀନ ଯୋଜନାର ସମୀକ୍ଷା, ଜିଆଇଏସ ଆଧାରିତ ମ୍ୟାପିଂ ଏବଂ ସ୍ଥାନୀୟ ପ୍ରଶାସନର ପ୍ରସ୍ତୁତିକୁ ଅଧିକ ମଜବୁତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ରାଜ୍ୟ, ଜିଲ୍ଲା, ଶିଳ୍ପ ସଂସ୍ଥା ଓ ଜରୁରୀକାଳୀନ ସେବା ପ୍ରଦାନକାରୀ ସଂସ୍ଥା ମଧ୍ୟରେ ସମନ୍ୱୟ ଓ ପରସ୍ପର ସହଯୋଗ ବଢ଼ାଇବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ ।

ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ରାସାୟନିକ ଦୁର୍ଘଟଣା ସମୟରେ ତ୍ୱରିତ ପ୍ରତିକ୍ରିୟା ପାଇଁ ପ୍ରଶିକ୍ଷିତ ମାନବ ସମ୍ବଳ, ଆବଶ୍ୟକ ଉପକରଣ ଓ ବିଶେଷ ଜରୁରୀକାଳୀନ ଯାନର ଉପଲବ୍ଧତା ଉପରେ ଗୁରୁତ୍ୱ ଦେଇଥିଲେ । ଭାରି ଯାନ, ଜରୁରୀ କାଳୀନ ସେବା ଯାନ, ନିୟମିତ ମକ୍ ଡ୍ରିଲ୍, ଉଦ୍ଧାର ଓ ନିରାପଦ ସ୍ଥାନାନ୍ତରଣ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ସହ ଅଗ୍ନିଶମ ସେବା, ଜିଲ୍ଲା ପ୍ରଶାସନ, ଶିଳ୍ପ ସଂସ୍ଥା ଓ ଅନ୍ୟାନ୍ୟ ଜରୁରୀକାଳୀନ ସଂସ୍ଥା ମଧ୍ୟରେ ଯୁଗ୍ମ ଅଭ୍ୟାସ ଓ ସମନ୍ୱୟ ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ବୈଠକରେ ରାସାୟନିକ ଦୁର୍ଘଟଣା ସମ୍ପର୍କିତ ତଥ୍ୟଭଣ୍ଡାର ସୁଦୃଢ଼ୀକରଣ, ମେଡିକାଲ୍ ପ୍ରସ୍ତୁତି, ଜନସଚେତନତା, ସୁରକ୍ଷା ଅଡିଟ୍, ସେଫ୍ଟି ରିପୋର୍ଟ ଏବଂ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷର କ୍ଷମତା ବୃଦ୍ଧି ଉପରେ ମଧ ଆଲୋଚନା ହୋଇଥିଲା ।

ରାସାୟନିକ ଦୁର୍ଘଟଣାର ପ୍ରଭାବକୁ ହ୍ରାସ କରିବା ପାଇଁ ପ୍ରତିରୋଧ, ପ୍ରତିକାରାତ୍ମକ ବ୍ୟବସ୍ଥା, ପ୍ରସ୍ତୁତି, ତ୍ୱରିତ ପ୍ରତିକ୍ରିୟା ଓ ଜନସହଭାଗିତାକୁ ଆଧାର କରି ଏକ ସୁଦୃଢ଼ ଓ ସମନ୍ୱିତ ବ୍ୟବସ୍ଥା ଗଠନ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ସମ୍ପୃକ୍ତ ସମସ୍ତ ବିଭାଗ ଓ ସଂସ୍ଥାଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବଶ୍ୟକ ପଦକ୍ଷେପ ନେଇ ଏଥିପାଇଁ ରହିଥିବା ମାର୍ଗଦର୍ଶିକାର ଅନୁପାଳନ ଓ ପରାମର୍ଶ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ବୈଠକରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଶ୍ରୀ ବିନୟତୋଷ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ସଚିବ, ଶ୍ରମ ଆୟୁକ୍ତ, ଓଡ଼ିଶା ଏବଂ ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ଶିଳ୍ପ ସଂସ୍ଥାର କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ ।

## ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ବିଭିନ୍ନ ପୂଜା ଆୟୋଜନ ପାଇଁ ଗ୍ରାଉଣ୍ଡ ରେଣ୍ଟ ଛାଡ଼ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮/୧୦: ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଚଳିତ ପାର୍ବଣ ଋତୁରେ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଦୂର୍ଗାପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜା, ରାବଣପୋଡି, ଭସାଣି ଉତ୍ସବ ଓ ଏଥି ସମ୍ପୃକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପୂଜା କମିଟି ଗୁଡିକର ଗ୍ରାଉଣ୍ଡ ରେଣ୍ଟ ଛାଡ଼ କରିଛନ୍ତି।

ପାର୍ବଣ ଋତୁରେ ଏହି ପର୍ବ ଗୁଡିକର ସାମାଜିକ ଓ ସାଂସ୍କୃତିକ ମହତ୍ୱ ଓ ଜନସାଧାରଣଙ୍କ ଉତ୍ସାହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ।

ସୂଚନାଯୋଗ୍ୟ ଯେ, ଏହି ଅବଧି ଚଳିତ ଅକ୍ଟୋବର ୧୭ ତାରିଖରୁ ନଭେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ଲାଗୁ କରାଯାଇଛି।

ଏଥିସହିତ ପୂଜା କମିଟି ଗୁଡିକୁ ଶାନ୍ତି ଶୃଙ୍ଖଳା ଓ ପରିବେଶ ଅନୁକୂଳ ଭାବେ ପୂଜା ଆୟୋଜନ କରିବାପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati
Executive Editor : Satyajit Mohapatra
Managing Editor : Jitendra Ku. Pati